Digitized by srujanika@gmail.com

ଚତୁର୍ଥ ବର୍ଷ ● ଜୁନ୍, ୧୯୫୫ ● ଏକାଦଶ ସଂଖ୍ୟା

ଆମ ଉପରେ ରେଡ଼ିଓ-ଏକ୍‌ଟିଭିଟିର ପ୍ରଭାବ

ଶ୍ରୀ ବସନ୍ତକୁମାର ଦାସ, ବି. ଏସ୍‌ସି.

ଉଦଜାନ ବୋମା ଓ ଆଣବିକ ବୋମାର କ୍ରମାଗତ ବିସ୍ଫୋରଣ ହେବା ଫଳରେ ଆଜ ପୃଥିବୀ-ସାରା ଆତଙ୍କ ଖେଳି ଯାଇଛି । ଜନବସତିର ଶହଶହ ମାଇଲ ଦୂରରେ ଏ ବୋମା ବିସ୍ଫୋରଣ ହେଲେ ମଧ୍ୟ ଏହାର ବିଷମୟ ପରିଣାମ ଲୋକଙ୍କୁ ଭୋଗ କରିବାକୁ ପଡ଼େ । ଗତବର୍ଷ ସମଗ୍ର ପୃଥିବୀରେ ଯେଉଁ ଅସାଧାରଣ ପାଣିପାଗ ଅବସ୍ଥା ଦେଖା ଦେଇଥିଲା, ହାଇଡ୍ରୋଜେନ ବୋମାର ବିସ୍ଫୋରଣ ତାର ଏକମାତ୍ର କାରଣ ବୋଲି ବୈଜ୍ଞାନିକମାନେ କହୁଛନ୍ତି । ଏହି ବୋମା ଯେଉଁଠି ପଡ଼େ, ସେ ଅଞ୍ଚଳକୁ ସେ କେବଳ ଜାଳି ପୋଡ଼ି ଏହା ଧ୍ୱଂସ କରିଦିଏ ତାହା ନୁହେଁ, ପାଖରେ ଏବଂ ଦୂରରେ ଥିବା ଯେଉଁ ଜୀବ କିମ୍ବା ଉଦ୍ଭିଦ ମୃତ୍ୟୁ ମୁଖରୁ ରକ୍ଷା ପାଇ ଯାଆନ୍ତି, ତାଙ୍କୁ ମଧ୍ୟ ଏହା ନିଜ କବଳକୁ ଟାଣି ଆଣେ । ଆଣବିକ ବୋମା କିମ୍ବା ଉଦଜାନ ବୋମାରେ ଇଉରେନିଅମ, ପ୍ଲୁଟୋନିଅମ୍ ପ୍ରଭୃତି କେତେକ ସ୍ୱତୋଜ୍ଜ୍ୱଳ ମୌଳିକ ପଦାର୍ଥ ଥାଏ । ନିଜର ତେଜ ଥିବାରୁ ଏହି ପଦାର୍ଥଗୁଡ଼ିକର ଏପରି ନାମକରଣ ହୋଇଅଛି । ଆଣବିକ ବିସ୍ଫୋରଣ ସମୟରେ ସ୍ୱତୋଜ୍ଜ୍ୱଳ ବା ରେଡ଼ିଓ-ଏକ୍‌ଟିଭ (Radio-active) ପରମାଣୁଗୁଡ଼ିକ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ନ୍ତି ଏବଂ ଏହାର ନିହିତ ଶକ୍ତି ଦ୍ୱାରା ବିସ୍ଫୋରଣ ସ୍ଥାନ ଭସ୍ମୀଭୂତ ହୋଇଯାଏ । ଏହି ବିସ୍ଫୋରଣ ସମୟରେ ଆଲଫା, ବିଟା ଏବଂ ଗାମା ନାମକ ତିନିପ୍ରକାର ଅଦୃଶ୍ୟ ଆଲୋକ ତରଙ୍ଗ ଚାରି ଆଡ଼କୁ ବ୍ୟାପିଯାଏ । କାହାରି ଶରୀର ମଧ୍ୟରେ ଏହି ତରଙ୍ଗ ପ୍ରବେଶ କଲେ, ଦେହର ପ୍ରାୟ ଅଧିକାଂଶ ପ୍ରଣାଳୀକୁ ଏହା କ୍ଷତ ବିକ୍ଷତ ଏବଂ ଶକ୍ତିହୀନ କରି ପକାଏ । ଫଳରେ ନୂଆ ନୂଆ ରୋଗ ମାଧ୍ୟମରେ ମୃତ୍ୟୁ ଧୀରେ ଧୀରେ ଏବଂ ଅତି ଅଲକ୍ଷ୍ୟରେ ପହଞ୍ଚି ଯାଏ ।

ଆଣବିକ ବିସ୍ଫୋରଣ ଜନିତ ସ୍ୱତୋଜ୍ଜ୍ୱଳ ପଦାର୍ଥର ଦୃଶ୍ୟ ଏବଂ ଅଦୃଶ୍ୟ ବିକିରଣ ଜୀବ ଏବଂ ଉଦ୍ଭିଦମାନଙ୍କର ପ୍ରଜନନ ପ୍ରକ୍ରିୟାରେ ମଧ୍ୟ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥାଏ । ହିରୋସିମା ଓ ନାଗାସାକି-ଠାରେ ପରମାଣୁ ବୋମାର ବିସ୍ଫୋରଣ ପରେ କେତେକ ଅଦ୍ଭୁତ ଜୀବ ଏବଂ ଉଦ୍ଭିଦ ଜାତ ହେବାର ଦେଖା ଯାଉଅଛି । କେତେକ ଶର ସବୁଜ ଗଛରେ କେବଳ ହଳଦିଆ ପତ୍ର ବାହାରୁଛି । କେଉଁ ବାଛୁରିର ତିନୋଟି ଗୋଡ଼ ତ କେଉଁ ଛେଳି ଛୁଆର ତିନୋଟି ଲାଞ୍ଜ । ମଣିଷ ଛୁଆ ମଧ୍ୟ ଅଦ୍ଭୁତ ପ୍ରକାରର ଦେଖା ଯାଉଛନ୍ତି । ଏ ସବୁ ଦେଖି ଆଜ ଅଧିକାଂଶ ଲୋକେ ଅତିଶୟ ଆତଙ୍କିତ ହୋଇ ପଡ଼ୁଛନ୍ତି । ଅଧିକାଂଶଙ୍କର ଧାରଣା ଯେ ଅନେକ ଗୁଡ଼ିଏ ପରମାଣୁ ଏବଂ ଉଦଜାନ

Digitized by srujanika@gmail.com

ବୋମାର ବିସ୍ଫୋରଣ ହେବାଦ୍ୱାରା କିଛି ଦିନ ପରେ ସମଗ୍ର ପୃଥିବୀ ସ୍ୱତୋଜ୍ଜ୍ୱଳ ପଦାର୍ଥର କିରଣ ଏବଂ ଆଲଫା, ବିଟା ଓ ଗାମା ତରଙ୍ଗ ଦ୍ୱାରା ବ୍ୟାପି ଯିବ । ମନୁଷ୍ୟର ପ୍ରଜନନ ପ୍ରକ୍ରିୟା ଉପରେ ଏହାର ପ୍ରଭାବ ପଡ଼ି ଅଦ୍ଭୁତ ଧରଣର ସନ୍ତାନ ଜନ୍ମ ହେବେ ଏବଂ କିଛି ବର୍ଷ ପରେ ବିକଳାଂଗ ଲୋକଙ୍କ ଦ୍ୱାରା ପୃଥିବୀ ପୂର୍ଣ୍ଣ ହେବ ।

ବିଶିଷ୍ଟ ବୈଜ୍ଞାନିକ ବ୍ରିଆନ ରୁଥାର ଫୋର୍ଡ (Brian Ruther Ford) କିନ୍ତୁ ଆଶ୍ୱାସନା ଦେଇ କହିଛନ୍ତି ଯେ ରେଡ଼ିଓ ଏକ୍ଟିଭିଟିକୁ ଏତେ ବେଶୀ ଆମର ଡରିବାର କୌଣସି କାରଣ ନାହିଁ । ପରୀକ୍ଷା-ମୂଳକ ଭାବରେ ଦୂର ସମୁଦ୍ର ମଧ୍ୟରେ ଯେଉଁ ବିସ୍ଫୋରଣ ଚାଲିଛି, ତାର ପ୍ରଭାବ ଆମ ଉପରେ ଅତି ବେଶୀ ପଡ଼ି ନ ପାରେ । ବାୟୁମଣ୍ଡଳ ରେଡ଼ିଓ-ଏକ୍ଟିଭିଟିରେ ପୂର୍ଣ୍ଣ ହେଲେ ମଧ୍ୟ ଆମର ପ୍ରଜନନ ପ୍ରଣାଳୀରେ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ । ରେଡ଼ିଓ-ଏକ୍ଟିଭିଟି ଆମକୁ ନୂଆ ହେଲେ ମଧ୍ୟ ଆମ ଦେହକୁ ନୂଆ ନୁହେଁ । ଆମ ଦେହ ମଧ୍ୟରେ ଅନବରତ ରେଡ଼ିଓ ଏକ୍ଟିଭିଟି ପ୍ରବେଶ କରୁଅଛି । ଗିଗାର କାଉଣ୍ଟାର ଦ୍ୱାରା ଜଣାଯାଏ ଯେ ଖୁବ କମ୍ ପରିମାଣ ହେଲେ ମଧ୍ୟ ପୃଥିବୀର ଅଧିକାଂଶ ସ୍ଥାନରେ ରେଡ଼ିଓ-ଏକ୍ଟିଭ ଇଉରେନିଅମ ରହିଛି । ଏହାର ଅଦୃଶ୍ୟ ରଶ୍ମି ଆମ ଦେହରେ ସର୍ବଦା ପ୍ରବେଶ କରୁଅଛି । ତା ଛଡ଼ା ମହାଶୂନ୍ୟର କୌଣସି ଅଜଣା ଅଂଶରୁ ଆସି କସ୍ମିକ ରଶ୍ମି ପ୍ରତି ମୁହୂର୍ତ୍ତରେ ଆମ ଦେହରେ ପ୍ରବେଶ କରୁଅଛି । ଆମ ଘରେ, ବାହାରେ, ମାଟିରେ, ଏବଂ ପ୍ରତ୍ୟେକ ପଦାର୍ଥରେ କିଛି ନା କିଛି ସ୍ୱତୋଜ୍ଜ୍ୱଳ ପଦାର୍ଥର ସତ୍ତା ରହିଛି ବୋଲି ଆମେ ଗିଗାର କାଉଣ୍ଟାରରୁ ଜାଣି ପାରିବା ।

ଆମ ଦେହର ହାଡ଼ ମଧ୍ୟରେ ସ୍ୱତୋଜ୍ଜ୍ୱଳ ରେଡ଼ିଅମ ରହିଛି । ଅବଶ୍ୟ ଏହାର ପରିମାଣ ଏତେ କମ୍ ଯେ ଏହା ଦେହ ମଧ୍ୟରେ ଅଛି ବୋଲି ଜାଣି ପାରିଲେ ବି କେତେ ଅଛି ଜାଣି ହେବ ନାହିଁ । ଏହାଛଡ଼ା ଆମ ଦେହରେ ସ୍ୱତୋଜ୍ଜ୍ୱଳ ପଟାସିଅମ ଏବଂ କାର୍ବନ ମଧ୍ୟ ରହିଛି । ପ୍ରତ୍ନ-ତତ୍ତ୍ୱ-ବିତ୍‌ମାନେ ଭୂଗର୍ଭରୁ ଯେଉଁ ହଜାର ହଜାର ବର୍ଷ ତଳର ଅସ୍ଥି ପାଉଛନ୍ତି, ସେଥିରେ ମଧ୍ୟ ରେଡ଼ିଓ-ଏକ୍ଟିଭ କାର୍ବନ ଥିବାର ଜଣା ଯାଉଛି । ଏହି ରେଡ଼ିଓ ଏକ୍ଟିଭ କାର୍ବନ ଦ୍ୱାରା ସେହି ଅସ୍ଥିର ବୟସ ମଧ୍ୟ ନିରୂପଣ କରି ଯାଉଅଛି ।

ପ୍ରକୃତରେ ଆମର ସ୍ଥୁଳ ଶରୀର ଉପରେ ଏହି ଅଦୃଶ୍ୟ ରଶ୍ମିର କୌଣସି ପ୍ରଭାବ ନାହିଁ । ଆମ ଶରୀର ମଧ୍ୟରେ ଜେନ (Geni) ନାମକ ଅତିଶୟ ସୂକ୍ଷ୍ମ ପଦାର୍ଥ ଥାଏ । ଏହି କଣାଗୁଡ଼ିକ ବଂଶାନୁକ୍ରମିକ ଭାବରେ ଆମର ଶରୀରକୁ ଆସେ । ଏହି ଜେନ କଣା-ଗୁଡ଼ିକ ଉପରେହିଁ ଆମର ଆକାର, ଉଚ୍ଚତା, ଗଠନ, ବୁଦ୍ଧି ଓ ବର୍ଦ୍ଧନଶୀଳତା ନିର୍ଭର କରେ । ପ୍ରତ୍ୟେକ ଜେନର ଆକାର ଏକ ଇଞ୍ଚର ଦଶଲକ୍ଷ ଭାଗରୁ ଭାଗକରୁ ମଧ୍ୟ କମ୍ ।

କସ୍ମିକ ରଶ୍ମିର ପ୍ରଭାବ ଜେନ ଉପରେ କିପରି ପଡ଼େ ଜଣା ଯାଇ ନାହିଁ । ପରୀକ୍ଷଣାଳୟରେ କୃତ୍ରିମ ରେଡିଓ ଏକ୍ଟିଭିଟି ପ୍ରୟୋଗ କରି ଦେଖାଯାଇଛି ଯେ କୀଟ ପତଙ୍ଗର ପ୍ରଜନନ ଉପରେ ଏହା ସାମାନ୍ୟ ପ୍ରଭାବ ପକାଇ ପାରୁଅଛି । ମନୁଷ୍ୟ ଉପରେ ଏହାର ବିଶେଷ ପ୍ରଭାବ ନ ପଡ଼ି ମଧ୍ୟ ପାରେ । କାରଣ ଆମର ଜେନ କଣାଗୁଡ଼ିକରେ ଏହି ରଶ୍ମିଗୁଡ଼ିକ ବିଦ୍ଧ ନ ହେବା ଯାଏ ଆମର ଜନନ କ୍ରିୟାରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ଆମର ଜେନଗୁଡ଼ିକ ଏତେ କ୍ଷୁଦ୍ର ଯେ କୌଣସି ଆଲୋକ ତରଙ୍ଗର ଆଘାତ ପଥରୁ ଏହା ଅକ୍ଳେଶରେ ରକ୍ଷା ପାଇ ଯାଇପାରେ ।

ଏହି ଉପଲକ୍ଷରେ ବ୍ରିଆନ୍ ରୁଥାର ଫୋର୍ଡ଼ ଏକ ସୁନ୍ଦର ଉଦାହରଣ ଦେଇ ଅଛନ୍ତି । ଜଣେ ପାଗଳ ଲୋକ ଯଦି କୌଣସି ନିର୍ଜନ ସ୍ଥାନରେ ଥାଇ ଚତୁର୍ଦ୍ଦିଗକୁ ପିସ୍ତଲର ଗୁଳି ଚଳାଏ, ତା ହେଲେ ହୁଏତ କୌଣସି ଗୁଳି କାହାର ଦେହରେ ବାଜିବ ନାହିଁ । ଦୈବାତ୍ କାହାର ଦେହରେ ଏହା ବାଜିବାର ମଧ୍ୟ ସମ୍ଭାବନା ରହିଛି । ସେହିପରି ବାୟୁମଣ୍ଡଳରେ ଥିବା କୌଣସି ରେଡିଓ ଏକ୍ଟିଭିଟି ଅସରନ୍ତି ପଥରେ ଯାଉଁ ଯାଉଁ କେତେବେଳେ ଆମ ଜେନକୁ ଧକ୍କା

Digitized by srujanika@gmail.com

ହୋଇପାରେ କିମ୍ବା କେତେବେଳେ ସିଧା ସଳଖ ପାର ମଧ୍ୟ ହୋଇ ଯାଇପାରେ । ଆମ ଜେନ ଉପରେ ବାଧା ପଡ଼ିଲେ ଅବଶ୍ୟ ଆମର ପ୍ରଜନନ କ୍ରିୟା ଏହାଦ୍ୱାରା ଆକ୍ରାନ୍ତ ହେବ ଏବଂ ଭବିଷ୍ୟତ ସନ୍ତାନମାନଙ୍କ ଉପରେ ଏହାର ବିଷକ୍ରିୟା ପଡ଼ିବ ।

ସଂକ୍ଷେପରେ ଏତିକି କୁହାଯାଇ ପାରେ ଯେ ରେଡିଓ ଏକ୍ଟିଭିଟି ଦ୍ୱାରା ଗର୍ଭ ନଷ୍ଟ ଏବଂ କଦାକାର ସନ୍ତାନ ହେବାର ଯେତେ ସମ୍ଭାବନା ରହିଅଛି ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଇବାର ମଧ୍ୟ ସେତିକି ସମ୍ଭାବନା ରହିଛି ।

ବେଙ୍ଗ ଗୋଡ

ଶ୍ରୀ ସୁଧାକର ଦାସ, ବି.ଏସ୍‌ସି. (ନୂଆଦିଲ୍ଲୀ)

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ । ଅଧ୍ୟାପକ ଲୁଇଜି ଗାଲଭାନୀ ଇଟାଲୀ ବୋଲଗାଁରେ ଆନାଟୋମିର ଅଧ୍ୟାପକ ଥାଆନ୍ତି । ବୋଲଗାଁରେ ଯେଉଁ ଅନୁଷ୍ଠାନରେ ଗାଲଭାନୀ ଅଧ୍ୟାପକ ଥିଲେ ତାହା ସେତେବେଳେ ସମଗ୍ର ୟୁରୋପରେ ଏକ ବିଖ୍ୟାତ ପ୍ରଗତିଶୀଳ ଅନୁଷ୍ଠାନ । ଏହାର ବିଜ୍ଞାନାଗାରରେ ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ପ୍ରଥମେ ହୋଇଥିଲା । ସୁତରାଂ ଏପରି ଏକ ଅନୁଷ୍ଠାନରେ ନିଯୁକ୍ତ ପାଇ ଗାଲଭାନୀ ନିଜକୁ ଭାଗ୍ୟବାନ ମଣିଥିବେ ।

ଦିନେ ଅଧ୍ୟାପକଙ୍କ ସ୍ତ୍ରୀ ଲୁସି ଗାଲଭାନୀ ପୀଡ଼ିତ ହୋଇଥାନ୍ତି । ଗାଲଭାନୀ ଜଣେ ଡାକ୍ତରଙ୍କୁ ଡାକିଲେ । ଉକ୍ତ ଡାକ୍ତର ପଥ୍ୟ ହିସାବରେ ବେଙ୍ଗ ଗୋଡ଼ ଝୋଳ ରାନ୍ଧି ଖାଇବାକୁ ଦେବାପାଇଁ କହିଲେ । ଗାଲଭାନୀ ବେଙ୍ଗକୁ କାଟି ତାର ଗୋଡ଼ ଦୁଇଟି ଟେବୁଲ ଉପର ଧାତୁ ନିର୍ମିତ ପଟା ଉପରେ ରଖିଥାନ୍ତି । ତାଙ୍କର ଜଣେ ସହକାରୀ ବେଙ୍ଗ ଗୋଡ଼ ଦୁଇଟି ଆଣିବାକୁ ଯାଇ ଅପରେଶନରେ ଲାଗୁଥିବା ଗୋଟିଏ ଛୁରୀରେ ତାକୁ ଛୁଇଁଦେଲା । ଆଶ୍ଚର୍ଯ୍ୟ କଥା, ଗୋଡ଼ ଦୁଇଟି ଗତିକଲା ଓ ଥରିଲା । ସେ ବିସ୍ମିତ ହୋଇ ଅଧ୍ୟାପକ ଗାଲଭାନୀଙ୍କୁ କହିଲା । ଅନ୍ୟାନ୍ୟ ସହକାରୀମାନେ ମଧ୍ୟ ଏହି ଆଶ୍ଚର୍ଯ୍ୟ କଥା ଦେଖିବା ପାଇଁ ବ୍ୟଗ୍ର ହୋଇଗଲେ । ଛୁରୀରେ ବେଙ୍ଗ ଗୋଡ଼କୁ ସ୍ପର୍ଶ କରାଯାଉଥାଏ । ବେଙ୍ଗ ଗୋଡ଼ ଥରି ଚାଲିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଉଥାନ୍ତି । ଏ ବିଷୟରେ ସେମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଗଲା ।

ଅଧ୍ୟାପକ ଗାଲଭାନୀ ଏହି ଅଦ୍ଭୁତ ତଥ୍ୟର କାରଣ ଆବିଷ୍କାର କରିବା ପାଇଁ ଦୃଢ଼ପ୍ରତିଜ୍ଞ ହେଲେ । ସେ ଗବେଷଣା ଚଳାଇଲେ । ଅନେକ ଯୋଡ଼ା ବେଙ୍ଗ ଗୋଡ଼ ସେ ନେଇ ତାଙ୍କ କୋଠାର କଡରେ ଅଙ୍କୁଶି ଦେଇ ସେଥିରେ ତାକୁ ଝୁଲାଇଲେ । ଯେତେବେଳେ ପବନ ବହିଲା ଗୋଡ଼ଗୁଡ଼ିକ ଲୁହା କଡ଼ରେ ବାଜିଲା । ଲୁହା କଡରେ ବାଜିବା କ୍ଷଣି ସେଗୁଡିକ ପୂର୍ବଭଳି ଥରିଲା ଏବଂ ବଙ୍କେଇ ଗଲା । ଗାଲଭାନୀ ଚିନ୍ତା କଲେ 'ଏପରି କାହିଁକି ହେଲା । ତେବେ କଅଣ ସେମାନଙ୍କ ଦେହରେ ବିଦ୍ୟୁତ୍ ଅଛି । ଏହା କଅଣ ତାହାହେଲେ ପଶୁ-ବିଦ୍ୟୁତ୍ (Animal electricity) ? ତାହାହେଲେ କଅଣ ପ୍ରତ୍ୟେକ ମନୁଷ୍ୟ ଓ ପଶୁ ଦେହରେ ବିଦ୍ୟୁତ୍ ଅଛି ? ଏହି ବିଦ୍ୟୁତ କଅଣ ତାହାହେଲେ ଜୀବନ ସଙ୍ଗେ ସମାନ ?'

ଗାଲ୍‌ଭାନୀ ଆଗରୁ ଆରିଷ୍ଟଟ୍‌ଲ ଓ ପ୍ଲୁଟାର୍କଙ୍କର କେତେକ ପୁସ୍ତକରେ ଟର୍ପେଡୋ ମାଛ କଥା ପଢିଥିଲେ । ଏହି ମାଛ ଜାଲରେ ଥିବାବେଳେ ଜାଲ ଧରିଥିବା କେଉଟଙ୍କ ହାତରେ ସ୍ପନ୍ଦନ ଅନୁଭୂତ ହୁଏ । ଏପରି କି ଏହି ମାଛ ଉପରେ ପାଣି ଢାଳିଲେ ହାତରେ ସ୍ପନ୍ଦନ ଅନୁଭୂତ ହୁଏ । ଗାଲ୍‌ଭାନୀଙ୍କ ନିଜ ସମୟରେ ମଧ୍ୟ ଫିଲା-ଡେଲ୍‌ଫିଆର ଡା: ଓ୍ୱାଲ୍‌ସ୍ 'ବୈଦ୍ୟୁତିକ ମାଛ' ସମ୍ପର୍କରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ଏହି ମାଛ ବୈଦ୍ୟୁତିକ ଆଘାତ ଦ୍ୱାରା ଶିକାର କରେ । ଲୋକମାନେ ଏହି ଅଦ୍ଭୁତ ଘଟଣାର ଅର୍ଥ ବୁଝି ନଥାନ୍ତି କିନ୍ତୁ ଗାଲ୍‌ଭାନୀ ଭାବିଲେ ଯେ ସେ ଏ ତଥ୍ୟ ଜାଣିଗଲେ । ସମସ୍ତ ଜନ୍ତୁଙ୍କ ଦେହରେ ବିଦ୍ୟୁତ ଅଛି । ଅଳ୍ପ ବହୁତେ ସମସ୍ତ ଜୀବନ୍ତ ଜନ୍ତୁ ଓ ମନୁଷ୍ୟମାନଙ୍କ ମାଂସପେଶୀରେ ବିଦ୍ୟୁତ ଅଛି । ମୃତ୍ୟୁପରେ ଏହି ବିଦ୍ୟୁତ ଲୋପ ପାଏ । ଯେତେବେଳେ ସେମାନେ ବଞ୍ଚି ଥାଆନ୍ତି ସେମାନଙ୍କ ଦେହରେ ବିଦ୍ୟୁତ ଥାଏ । ଏହି ବିଦ୍ୟୁତ କଅଣ ତାହାହେଲେ ଆତ୍ମା ?

ଗାଲ୍‌ଭାନୀ ତାଙ୍କର ତଥ୍ୟ ପ୍ରବନ୍ଧାକାରରେ ପ୍ରକାଶ କଲେ; ବୈଜ୍ଞାନିକମାନେ ପଢିଲେ । କେତେକ କହିଲେ 'ଏ ଏକ ବଡ଼ ଆବିଷ୍କାର ।' ଅନ୍ୟମାନେ କହିଲେ— 'ବାଜେ କଥା' । ଗାଲଭାନୀ ସବୁ ଶୁଣିଲେ କିନ୍ତୁ ନିଜ ସିଦ୍ଧାନ୍ତରୁ

Digitized by srujanika@gmail.com

ସେ ବୁଝିଲେ ନାହିଁ । ଏକ ପଶୁ ବିଦ୍ୟୁତ ବିଷୟ ଅଛି ବୋଲି ତାଙ୍କର ଧାରଣା ଦୃଢ଼ୀଭୂତ ହେଲା ।

ବେଙ୍ଗ ଗୋଡ଼ର ରହସ୍ୟ ଉଦ୍‌ଘାଟନ କଲେ ଅଲେସାଣ୍ଡ୍ରୋ ଭଲ୍ଟା ଏବଂ ତାଙ୍କର ତଥ୍ୟ ବିଦ୍ୟୁତ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କଲା । ଏହିଦିନ ଠାରୁ ବୈଜ୍ଞାନିକମାନେ ଏକ ନୂତନ ପ୍ରକାର ବିଦ୍ୟୁତ ଉପରେ ଆଲୋଚନା ଚଳାଇଲେ । ତାହା ହେଉଛି ସ୍ରୋତ ବିଦ୍ୟୁତ (Current electricity) ।

ଭଲ୍ଟା କହିଲେ ବେଙ୍ଗ ଗୋଡ଼ରେ ବିଦ୍ୟୁତ ନ ଥିଲା । ଦୁଇ ପ୍ରକାର ଧାତୁର ସଂଯୋଗରେ ବିଦ୍ୟୁତ ଜାତ ହେଉଥିଲା । ସେ କହିଲେ ଷ୍ଟେଲ ଓ ଛୁରୀ ଦୁଇଟି ଭିନ୍ନ ଧାତୁରେ ନିର୍ମିତ ହୋଇଥିଲା । ଆଉ ତମ୍ବା ଅଙ୍କୁଶୀରେ ବେଙ୍ଗ ଗୋଡ଼ ଝୁଲା ହୋଇଥିଲା ଓ ପବନରେ ସେ ଗୁଡିକ ଲୁହାକଡ଼ରେ ବାଜୁଥିଲେ । ସୁତରାଂ ସବୁଠାରେ ଦୁଇ-ପ୍ରକାର ଧାତୁ । ବେଙ୍ଗ ଗୋଡ଼ର ମାଂସପେଶୀରେ ଥିବା ଜଳୀୟ ଅଂଶ ବିଦ୍ୟୁତକୁ ଅଧିକ ଶକ୍ତିଶାଳୀ କରୁଥିଲା । କିନ୍ତୁ ମାଂସପେଶୀରେ ବିଦ୍ୟୁତ ନ ଥିଲା ।

ଭଲ୍ଟା ତାଙ୍କର ଏହି ଉପପାଦ୍ୟକୁ ପ୍ରମାଣ କରିବାପାଇଁ ଲାଗିପଡ଼ିଲେ । ଦୁଇଟି ଭିନ୍ନଧାତୁ ଏସିଡ୍‌ଯୁକ୍ତ ଜଳୀୟ ପଦାର୍ଥର ଉପସ୍ଥିତିରେ ବିଦ୍ୟୁତ ଉତ୍ପାଦନ କରିବ । ସେ ବିଭିନ୍ନ ଧାତୁର ଛୋଟ ଛୋଟ ପଟା ଏକାଠି ରଖି ପରୀକ୍ଷା ଆରମ୍ଭ କଲେ । ପ୍ରଥମେ ଧାତୁପଟା ଗୁଡିକର ଉପରି ପାଣିରେ ସାମାନ୍ୟ ଭିଜାଇ ଦେଇ ଦେଖିଲେ । ଏହିପରି ପରୀକ୍ଷା କରି ସେ କିଛିଦିନ ମଧ୍ୟରେ ବିଭିନ୍ନ ପ୍ରକାର ଧାତୁର ଥାଳିଆ (Disc) ସଂଗ୍ରହ କଲେ । ତନ୍ମଧ୍ୟରୁ ତମ୍ବା ଓ ଦସ୍ତା (Zinc) ର ଥାଳିଆରେ ସେ ବିଶେଷ କୃତକାର୍ଯ୍ୟ ହେଲେ ।

ତତ୍ପରେ ସେ ତମ୍ବା ଓ ଦସ୍ତା ଥାଳିଆ ଦ୍ୱାରା ଏକ ଲମ୍ବା ଗଦା (pile) ତିଆରି କଲେ । ପ୍ରଥମେ ଗୋଟିଏ ଦସ୍ତା ଥାଳିଆ ରଖିଲେ । ତା ଉପରେ ଗୋଟିଏ ବ୍ଲଟିଂ ପେପରକୁ ଭିନେଗାର ସଲ୍ୟୁସନରେ ଭିଜାଇ ରଖିଲେ । ବ୍ଲଟିଂପେପର ଉପରେ ପୁଣି ତମ୍ବା ଓ ଦସ୍ତାର ଥାଳିଆ ଏହିପରି ଭାବରେ ସେ ବାର ଯୋଡ଼ା ଥାଳିଆ ରଖିଲେ । ତା ପରେ ଏହି ଧାତୁ ଗଦାରୁ ସ୍ରୋତ ସଂଗ୍ରହ କରି ଯାଇ ପାରିବ ସେ ଦର୍ଶାଇଥିଲେ । ତାଙ୍କର ଏହି ଧାତୁଗଦା ବର୍ତ୍ତମାନ ଭଲ୍‌ଟାଇକ ପାଇଲ (Voltaic Pile) ନାମରେ ପରିଚିତ ।

ସେ କେତେକ ପାତ୍ରରେ ଏସିଡ୍‌ ସଲ୍ୟୁସନ ରଖି ସେହି ପାତ୍ରମାନଙ୍କରେ ଧାତୁର ପଟା ରଖିଲେ । ଏହାଦ୍ୱାରା ମଧ୍ୟ ସେ ବିଦ୍ୟୁତ୍‌ ସ୍ରୋତ ଉତ୍ପାଦନ କରି ପାରିଲେ । ଏହା ପୂର୍ବରୁ ଘର୍ଷଣ କଳଦ୍ୱାରା ବିଦ୍ୟୁତ ଉତ୍ପାଦିତ ହୋଇଥିଲା । କିନ୍ତୁ ସେ ଏହି ବିଦ୍ୟୁତକୁ ତାର ମଧ୍ୟରେ ନଳୀରେ ପାଣି ଭଳି ଗତି କରାଇ ପାରିଲେ ।

ଭଲ୍‌ଟା ୧୮୦୦ ଖ୍ରୀଷ୍ଟାବ୍ଦରେ ଲଣ୍ଡନର ରୟାଲ ସୋସାଇଟିର ସଭାପତିଙ୍କ ପାଖକୁ ତାଙ୍କର ଆବିଷ୍କାର ବିଷୟ ଲେଖିଥିଲେ । ସେହି ଚିଠି ସଭାପତି ଆଦରର ଗ୍ରହଣ କଲେ । ଭଲ୍‌ଟାଙ୍କର ଏହି ନୂତନ ଆବିଷ୍କାର ପାଇଁ ତାଙ୍କୁ ବହୁ ସମ୍ମାନ ଦିଆ ହୋଇଥିଲା । ୧୮୦୧ରେ ନେପୋଲିୟନ ବୋନାପାର୍ଟ ତାଙ୍କୁ ଏକ ସ୍ୱର୍ଣ୍ଣ ପଦକ ଦେଇଥିଲେ । ତାଙ୍କରି ନାମ ଅନୁସାରେ ଇଲେକ୍‌ଟ୍ରିକ ଶକ୍ତିର ଏକ ଏକକ ଭୋଲ୍‌ଟ ନାମରେ କଥିତ ।

ଏମ୍. ସି. କାଉଆଡ୍ରେ

ଶ୍ରୀ ଦିଲୀପ ମିଶ୍ର

'କ୍ରିକେଟ ରାଜାମାନଙ୍କ ଖେଳ ଏବଂ କ୍ରିକେଟ ଖେଳମାନଙ୍କ ମଧ୍ୟରେ ରାଜା ।' ଇଂରାଜୀରେ କୁହାଯାଏ "Cricket is the game of kings and Cricket is the king of games."

ଇଂଲଣ୍ଡ ଦେଶର ଲଡ଼ସଠାରେ ସର୍ବ ପ୍ରଥମେ କ୍ରିକେଟ ଖେଳ ଆରମ୍ଭ ହୋଇଥିଲା । କ୍ରିକେଟ ଗୋଟିଏ ବିଦେଶୀ ଖେଳ ହେଲେ ମଧ୍ୟ ଆମ ଦେଶର ଖେଳାଳୀ-ଗଣ ଏହି ଖେଳରେ ବେଶ୍ ଦକ୍ଷତା ଲାଭକରି ପାରିଛନ୍ତି ଏବଂ କରିବେ ମଧ୍ୟ । କ୍ରିକେଟ ଖେଳିବା ପାଇଁ ଯେଉଁ ତୀକ୍ଷ୍ଣ ଧୀଶକ୍ତି ଏବଂ ଆତ୍ମବିଶ୍ୱାସ ଲୋଡ଼ା, ତାହା M.C.C. ଦଳର ସବୁଠାରୁ ଅଳ୍ପ ବୟସ୍କ ଖେଳାଳୀ କାଉଆଡ୍ରେଙ୍କ ପାଖରେ ବିଶେଷ ଭାବେ ଲକ୍ଷିତ ହୁଏ ।

କାଉଆଡ୍ରେ ମାଙ୍ଗାଲୋର ସହରରେ ୧୯୩୨ ମସିହା ଡିସେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରି

Digitized by srujanika@gmail.com

ଥିଲେ । ତାଙ୍କର ପିତା ଖେଳପ୍ରତି ଖୁବ୍ ଅନୁରାଗୀ ଥିଲେ ଏବଂ ନିଜ ପୁତ୍ର କାଉଡ୍ରେଙ୍କୁ ମଧ୍ୟ ସେହିପରି ଗଢ଼ିବାକୁ ଆଶା ପୋଷଣ କରିଥିଲେ । ସେ ଭାବୁଥିଲେ ନିଶ୍ଚୟ କାଉଡ୍ରେ ଦିନେ ପୃଥିବିବିଖ୍ୟାତ କ୍ରିକେଟ ଖେଳାଳୀଙ୍କ ମଧ୍ୟରେ ନିଜକୁ ଠିଆ କରାଇ ପାରିବେ ।

ତାଙ୍କ ପିତା ଦକ୍ଷିଣଭାରତର ଚା-ଉଦ୍ୟାନର ଜଣେ କର୍ମଚାରୀ ଥିଲେ । ଇଂଲଣ୍ଡର ଟନ୍‌ବ୍ରିଜ୍‌ଠାରେ ସେ ତାଙ୍କ ବିଦ୍ୟାଳୟ ଶିକ୍ଷା ଆରମ୍ଭ କଲେ ଏବଂ ସେଠାରେ ସେ ସବୁପ୍ରକାର ଖେଳ ଖେଳିବାର ସୁବିଧା ପାଇ-ଥିଲେ । ବିଶେଷତଃ ସେ କ୍ରିକେଟ, ରଗବି ଏବଂ ଟେନିସ ଖେଳରେ ନିଜର ଦକ୍ଷତାର ଉତ୍ତମ ପରିଚୟ ଦେଇଥିଲେ । ସେ ସେହି ବିଦ୍ୟାଳୟ କ୍ରିକେଟ ଏକା-ଦଶରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ଖେଳିଥିଲେ । ସେ ଟନ୍‌ବ୍ରିଜ ପକ୍ଷରୁ କ୍ଲିଫ୍ଟନ ବିରୁଦ୍ଧରେ ପ୍ରଥମେ ଲର୍ଡ଼ସ୍ କ୍ରିକେଟ ପଡ଼ିଆରେ ଖେଳିଥିଲେ । ତାଙ୍କର ବୟସ ସେତେ-ବେଳେ ମୋଟେ ୧୩ବର୍ଷ । ସେ ସେହି ଖେଳରେ ଦୁଇ ଇନିଂସ୍ ଯଥାକ୍ରମେ ୭୫ ଏବଂ ୪୪ରନ୍ କରିଥିଲେ ଏବଂ ମୋଟରେ ୮ଟି ଉଇକେଟ ନେଇଥିଲେ । ସେହି ଖେଳର ଖେଳାଳୀମାନଙ୍କର ହାରାହାରି ବୟସ ଥିଲା ୧୭ ବର୍ଷ । ତା ପରବର୍ଷ ସେ ବିଦ୍ୟାଳୟର ରଗବି-ଦଳର ଅଧିନାୟକତ୍ୱ କରିଥିଲେ ।

ବିଦ୍ୟାଳୟ ପାଠ୍ୟସାରି ସେ ଅକ୍‌ସଫୋର୍ଡ ବିଶ୍ୱ-ବିଦ୍ୟାଳୟର ବ୍ରେଜ୍‌ନୋଜ୍ ମହାବିଦ୍ୟାଳୟରେ ଇଂରାଜୀ, ଲାଟିନ୍ ଏବଂ ଭୂଗୋଳ ପଢ଼ିବା ପାଇଁ ଗଲେ । କ୍ରିକେଟ ଛଡ଼ା ସେ ସେଠାରେ ଟେନିସ୍, ଗଲ୍‌ଫ ଇତ୍ୟାଦି ଖେଳରେ ମଧ୍ୟ ପାରଦର୍ଶିତା ହାସଲ କଲେ । ବିଦେଶରେ ବିଶ୍ୱବିଦ୍ୟାଳୟହିଁ ଜୀବନର ସଂସ୍କୃତି, ଉଚ୍ଚ ଜ୍ଞାନ ଏବଂ ଖେଳର ପୀଠସ୍ଥଳ । କିନ୍ତୁ ଭାରତରେ ଠିକ୍ ତାର ଓଲଟା । ସେ ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ରିକେଟରେ ୧୯୫୨ ମସିହାରେ 'Blue' ପାଇଥିଲେ । ୧୯୫୩ ରେ ସେ ଅକ୍‌ସଫୋର୍ଡ ବିଶ୍ୱ-ବିଦ୍ୟାଳୟର ଶ୍ରେଷ୍ଠ ବ୍ୟାଟସମାନ ଥିଲେ । ସେ ଚାରୋଟି ସେଞ୍ଚୁରି (ଶତାଧିକ ରନ୍) କରିଥିଲେ ଏବଂ ତାଙ୍କର ହାରାହାରି ରନ୍ ଥିଲା ୫୧.୦୯ । କାଉଡ୍ରେ କେଣ୍ଟରେ ତାଙ୍କର କ୍ରିକେଟ ଖେଳରେ କୃତିତ୍ୱର ଚରମ ସୀମାରେ ପହଞ୍ଚ ପାରିଥିଲେ । ସେ ସେହିଠାରେ କ୍ରିକେଟ Cap ପାଇଥିଲେ । ୧୯୫୧ ରେ ଭଦ୍ରବ୍ୟକ୍ତି ସମ୍ମିଳିତ ଏକାଦଶ ଏବଂ ଖେଳାଳୀ ଏକାଦଶ ମଧ୍ୟରେ ହେଉଥିବା ପ୍ରତିଯୋଗିତାରେ ୧୦୬ ରନ୍ କରି କୃତିତ୍ୱ ହାସଲ କରିଥିଲେ ।

ଘରେ ସେ ତାଙ୍କ ପିତାଙ୍କ ସହିତ ଗଲ୍‌ଫ୍ ଓ ବିଲିଆର୍ଡ଼ ମଧ୍ୟ ଖେଳିଥାନ୍ତି । ପିତା ତାଙ୍କୁ ଖେଳ ବିଷୟରେ ବାରମ୍ବାର ଉତ୍ସାହ ଦେଇଥାନ୍ତି । ଅକ୍‌ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ସେ ଗଲ୍‌ଫ୍, ଟେନିସ୍, ବିଲିଆର୍ଡ଼ ସବୁ ଖେଳରେ "Blue" ପାଇଥିଲେ । କେବଳ ଖେଳ ଯେ ତାଙ୍କର ପ୍ରିୟବସ୍ତୁ ତା ନୁହେଁ, ସେ ସଙ୍ଗୀତ ବିଦ୍ୟାରେ ମଧ୍ୟ ପାରଦର୍ଶିତା ଲାଭ କରିଛନ୍ତି । ତାଙ୍କ ବନ୍ଧୁ ମହଲରେ ସେ ଜଣେ ଗାୟକ ହିସାବରେ ପ୍ରସିଦ୍ଧ । ସେ ଧର୍ମକୁ ଖୁବ ମାନିଥାନ୍ତି । ଅଷ୍ଟ୍ରେଲିଆରେ ଯେତେବେଳେ ସେ M.C.C. ପକ୍ଷରୁ ଖେଳୁଥିଲେ ସେତେବେଳେ M.C.C. ଦଳକୁ ଅନେକ ସ୍ଥାନରେ ନାଗରିକ ସମ୍ବର୍ଦ୍ଧନା ଛଡ଼ା ଅନେକ ବଡ଼ ବଡ଼ ଭୋଜିରେ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । କାଉଡ୍ରେ ଉପାସନା ମନ୍ଦିରକୁ ଏବଂ କୌଣସି ଧର୍ମସମ୍ବନ୍ଧୀୟ ସଭାକୁ ଯାଇ ସେ ସବୁ ଅନୁଷ୍ଠାନକୁ ମଧ୍ୟ ତ୍ୟାଗ କରୁଥିଲେ ।

ନିକଟ ଅତୀତରେ ସେ M.C.C. ପକ୍ଷରୁ ଅଷ୍ଟ୍ରେଲିଆ ଭ୍ରମଣରେ ଯାଇଥିଲେ । ସେଠାରେ ସେ ତାଙ୍କ କ୍ରୀଡ଼ା-ନୈପୁଣ୍ୟର ଚରମ ପାରଦର୍ଶିତା ଦେଖାଇ ଅଛନ୍ତି । ସେ M.C.C. ପକ୍ଷରୁ ନିଉ ସାଉଥ୍ ଓ୍ୱେଲସ୍ ବିରୁଦ୍ଧରେ ପ୍ରତ୍ୟେକ ଇନିଙ୍ଗସରେ ଗୋଟିଏ ଗୋଟିଏ ସେଞ୍ଚୁରି କରିଥିଲେ । କାଉଡ୍ରେ ଇଂଲଣ୍ଡ ପକ୍ଷରୁ ଅଷ୍ଟ୍ରେଲିଆ ବିରୁଦ୍ଧରେ ତାଙ୍କର ପ୍ରଥମ ଟେଷ୍ଟ ଖେଳ ଖେଳନ୍ତି । ସେତେବେଳେ ଇଂଲଣ୍ଡର ୩ଟି ଉଇକେଟ୍ କେବଳ ୧୧ରନ୍‌ରେ ପଡ଼ି ଯାଇଥିଲା ଏବଂ କାଉଡ୍ରେ ସେହି ଖେଳରେ ୪୦ଟି ମୂଲ୍ୟବାନ ରନ୍ କରିଥିଲେ । ତାଙ୍କୁ ଅଷ୍ଟ୍ରେଲିଆର ସବୁଠାରୁ ଭୟଙ୍କର ବୋଲରଙ୍କ ସମ୍ମୁଖୀନ ହେବାକୁ ପଡ଼ିଥିଲା ।

Digitized by srujanika@gmail.com

ଆଡ଼ିଲେଡ଼ାରେ ହେଉଥିବା ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୪ର୍ଥ ଟେଷ୍ଟର ତୃତୀୟ ଦିନ—ଆର ଦିନର ଖେଳୁଥିବା ବ୍ୟାଟସ୍ମାନ୍‌ଦ୍ୱୟ ଏଡ଼ରିଚ୍ ଏବଂ ମେ ଅଧିକା କେବଳ ୬ରନ୍ କରି ଆଉଟ୍ ହୋଇ-ଗଲେ । ହଟନ୍ ମଧ୍ୟ ଜନଷ୍ଟନଙ୍କର ଗୋଟିଏ ବଲ୍‌କୁ ମାରିବା ସମୟରେ ଆଉଟ୍ ହୋଇଗଲେ । ତାପରେ ଆସିଲେ କାଉଆଡ୍ରେ । କାଉଆଡ୍ରେ ଖୁବ୍ ନୂଆ ଖେଳାଳୀ ହୋଇଥିବାରୁ ଜନରବକୁ ବେଶୀ କାନ ଦେଉଥିଲେ ଏବଂ ନିଜର ଆତ୍ମବିଶ୍ୱାସ ହରାଉଥିଲେ । ହଟନ୍ କାଉଆଡ୍ରେଙ୍କୁ ଧୈର୍ଯ୍ୟଦେବା ଦରକାର ବୋଲି ଭାବି ଦ୍ୱାଦଶ ବ୍ୟକ୍ତି ଉଇଲ୍‌ସନ୍‌ଙ୍କ ହାତରେ ଗୋଟିଏ ଭଲ ବ୍ୟାଟ ଦେଇ ପଠାଇଲେ । ଉଇଲସନଙ୍କ ହସ୍ତରେ କାଉଆଡ୍ରେଙ୍କୁ ହଟନ୍ କହିପଠାଇଥିଲେ ଯେ ଜନ-ରବକୁ କର୍ଣ୍ଣପାତ ନ କରି ଖେଳିବାକୁ ।

ପ୍ରକୃତରେ ବ୍ୟାଟ୍ ଦରକାର ନ ଥିଲା । ଏହି କେତୋଟି ପଦ କଥା ଦରକାର ଥିଲା । କାଉଆଡ୍ରେ ସେଦିନ ଖୁବ ସୁନ୍ଦର ଖେଳିଲେ । ସେଦିନର ଖେଳ ଶେଷ ହେବା ପର୍ଯ୍ୟନ୍ତ ରହିଲେ ଏବଂ ଶେଷକୁ ମୋଟ-ଉପରେ ୭୯ ରନ୍ କରିଥିଲେ । ତାଙ୍କର ରନ୍ ତାଙ୍କ ଦଳପତି ହଟନ୍‌ଙ୍କ ରନ୍ ଠାରୁ ମୋଟେ ଗୋଟିଏ କମ୍ ଥିଲା । ସେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ବ୍ୟାଟିଙ୍ଗ କରିଥିଲେ । ଯେତେବେଳେ ଅଷ୍ଟ୍ରେଲିଆର ବ୍ୟାଟିଙ୍ଗ ଆରମ୍ଭ ହେଲା, ହଠାତ୍ ଅଷ୍ଟ୍ରେଲିଆର ଖେଳାଳୀ ମରିସଙ୍କ ଗୋଟିଏ ବଲ୍ ତାଙ୍କ ମୁହଁରେ ବାଜିଲା ଏବଂ ତାଙ୍କୁ ଧରେ ଧରେ ପଡ଼ିଆ ବାହାରକୁ ନିଆଗଲା, କିନ୍ତୁ ପରଦିନ ପୁଣି ସେ ଖେଳିବାକୁ ଆସିଲେ । ଏବଂ ଇଂଲଣ୍ଡର M.C.C. ଦଳ ସେହି ଟେଷ୍ଟଟି ଜିତିଥିଲେ । ସେମାନେ ଅଷ୍ଟ୍ରେଲିଆ ଜିତିଥିବା "The Ashes" ଟିକୁ ଜିତିପାରିଥିଲେ ।

ନିଃସନ୍ଦେହରେ କୁହାଯାଇ ପାରେ ଯେ କାଉଆଡ୍ରେ ଜଣେ ଉନ୍ନତ ଧରଣର ବ୍ୟାଟ୍‌ସମାନ ଏବଂ ତାଙ୍କର ବ୍ୟାଟିଙ୍ଗ୍ ଶକ୍ତି ଗୋଟିଏ କବିତା । ଇଂଲଣ୍ଡ ଦଳର ବେଲିଙ୍କ ପରି କାଉଆଡ୍ରେ ମଧ୍ୟ ପୃଥିବୀର ଶୀର୍ଷସ୍ଥାନୀୟ ଖେଳାଳୀମାନଙ୍କ ମଧ୍ୟରେ ଗଣ୍ୟ ହେବେ । ଅଷ୍ଟ୍ରେଲିଆ ଖେଳପରେ କାଉଆଡ୍ରେ ଅକ୍‌ସଫୋର୍ଡ଼ରେ ତାଙ୍କ ବିଶ୍ୱବିଦ୍ୟାଳୟ ପାଠ୍ୟ ଶେଷ କରିବା ପାଇଁ ଆସିବେ । ତାପରେ ସେ କୌଣସି ଜାତୀୟ ଅନୁଷ୍ଠାନରେ କାର୍ଯ୍ୟ କରିବେ ବୋଲି ଆଶା କରିଛନ୍ତି । ସେଠାରେ ସେ ପ୍ରଥମ ଶ୍ରେଣୀର କ୍ରିକେଟ ଖେଳିବାକୁ ବିଶେଷ ସୁବିଧା ପାଇବେ ।

ଏହି ପ୍ରବନ୍ଧଟି 'Sports & Pastime' (March 5th. 1955)ର 'Boy who vindicated Embarrassing Initials' ନାମକ ପ୍ରବନ୍ଧରୁ ଅନୁବାଦିତ ।

ଦେଶପାଇଁ ସ୍ୱାର୍ଥତ୍ୟାଗ

ଅଧ୍ୟାପକ ଡକ୍ଟର ଶ୍ରୀ ବସନ୍ତ କୁମାର ବେହୁରା

ଚୀନ ଦେଶର ବିପ୍ଳବୀ ନେତା ସାନ୍ ୟେତ୍ ସେନ୍ ଇତିହାସପ୍ରସିଦ୍ଧ । ସେ ଚୀନ ଗଣତନ୍ତ୍ର ରାଷ୍ଟ୍ରର ପ୍ରଥମ ସଭାପତି ଥିଲେ । ଗଣତନ୍ତ୍ର ଶାସନ ପ୍ରଚଳିତ ହେବା ପୂର୍ବରୁ ସେଠାରେ ମାନ୍‌ଚୁ ରାଜବଂଶ ଶାସନ କରୁଥିଲେ । ସେମାନେ ଅତ୍ୟନ୍ତ ପ୍ରଜାପୀଡ଼କ ଥିଲେ । ସେମାନଙ୍କର ଅତ୍ୟାଚାରରେ ଲୋକେ ଉଚ୍ଛନ୍ନ ହୋଇ ପଡ଼ୁଥିଲେ । ରାଜ-ଶାସନ ଲୋପ କରି ପ୍ରଜାତନ୍ତ୍ର ଶାସନ ପ୍ରତିଷ୍ଠା ପାଇଁ ସେ ଦେଶରେ ବିଦ୍ରୋହ ହୋଇଥିଲା । ସାନ୍ ୟେତ୍ ସେନ୍ ବିଦ୍ରୋହୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଏଥିପାଇଁ ତାଙ୍କୁ ଅପୂର୍ବ ସ୍ୱାର୍ଥତ୍ୟାଗ କରିବାକୁ ହୋଇଥିଲା ଓ ନାନା ଦୁଃଖ ଦୁର୍ଦ୍ଦଶା ମଧ୍ୟରେ କାଳାତି-ପାତ କରିବାକୁ ପଡ଼ିଥିଲା । କାରଣ ବିପ୍ଳବ ଦମନ କରିବା ପାଇଁ ଚାଳିଶ କୋଟି ଚୀନାବାସୀଙ୍କ ଭାଗ୍ୟ-ବିଧାତା ମାନ୍‌ଚୁ ରାଜବଂଶଦ୍ୱାରା ନିଯୁକ୍ତ କର୍ମଚାରୀମାନେ

Digitized by srujanika@gmail.com

ବିପ୍ଳବୀମାନଙ୍କୁ ଧରି ହତ୍ୟା କରିବା ପାଇଁ ସବୁବେଳେ ଯତ୍ନଶୀଳ ଥିଲେ । ମାତ୍ର ସାନ୍ ଓ ତାଙ୍କର ସହକର୍ମୀମାନେ ଗୁପ୍ତ ବିପ୍ଳବ ସଂଘମାନ ଗଠନ କରି ବିପ୍ଳବ ନିଆଁ ଜାଳିବାରେ ଲାଗି ପଡ଼ିଥିଲେ । ଶେଷରେ ନିଜର ଜୀବନ ବିପଦାପନ୍ନ ହେବାରୁ ସାନ୍ ଚୀନ ପରିତ୍ୟାଗ କରି କେତେକାଳ ପୃଥିବୀର ବିଭିନ୍ନ ଦେଶରେ ବୁଲି ଶେଷରେ ଜାପାନର ରାଜଧାନୀ ଟୋକିଓରେ ପହଞ୍ଚିଥିଲେ । ୧୯୦୫ ସାଲରେ ସେ ସେଠାରେ "ଟାଙ୍ଗ୍ ମେଙ୍ଗ୍ ହୁଇ" (ଯୁକ୍ତସଂଘ) ନାମରେ ଏକ ବିପ୍ଳବୀ ସଂଘ ଗଠନ କଲେ । ସେଠାରେ ଥାଇ ସେ ଚୀନ ଦେଶରେ ବିପ୍ଳବ କାର୍ଯ୍ୟ ଚଳାଇଲେ । ଏଥିପାଇଁ ପ୍ରଭୂତ ଅର୍ଥ ଆବଶ୍ୟକ ହୋଇଥିଲା । ବିଦେଶରେ ବାସ କରୁଥିବା ବହୁ ଚୀନାବାସୀ ସାନ୍‌ଙ୍କୁ ଏହି ଦେଶ କାର୍ଯ୍ୟରେ ଉତ୍ସାହ ଓ ଅର୍ଥ ସାହାଯ୍ୟ କରିଥିଲେ । ସେହି ଦେଶପ୍ରେମୀମାନଙ୍କ ସମ୍ପର୍କରେ ଚୀନ-ଇତିହାସରେ ବିଶେଷ ବିବରଣୀ କିଛି ମିଳେନାହିଁ । ସେଥିରେ ଅଳ୍ପ ଯାହା ଉଲ୍ଲେଖ ଅଛି, ତନ୍ମଧ୍ୟରେ ଚୁଙ୍ଗ୍ ଓ ହୁଆଙ୍ଗ ନାମକ ଦୁଇଜଣ ଚୀନାଙ୍କର ଅର୍ଥ ସାହାଯ୍ୟ ସମ୍ପର୍କୀୟ ଅପୂର୍ବ ସ୍ୱାର୍ଥତ୍ୟାଗ ବିଶେଷ ଦୃଷ୍ଟି ଆକର୍ଷଣ କରିଥାଏ । ସେ ଦୁହିଁଙ୍କର ସ୍ୱାର୍ଥତ୍ୟାଗ ସଂକ୍ଷେପରେ କହୁଛି—

ଚିଆଙ୍ଗ୍‌ଙ୍କର ପୂରା ନାମ ଚୁଙ୍ଗ ଚିଙ୍ଗ୍-ଚିଆଙ୍ଗ୍ । ଫ୍ରାନ୍ସର ରାଜଧାନୀ ପାରିସ ସହରରେ ସେ ଗୋଟିଏ ମନୋହାରୀ ଦୋକାନ ଦେଇ ବେଶ୍ ଟଙ୍କା ପଇସା ରୋଜଗାର କରୁଥାନ୍ତି । ସାନ୍ ଜୀବନ-ରକ୍ଷା ପାଇଁ ପ୍ରବାସୀ ହୋଇ ଯେତେବେଳେ ବିଦେଶରେ ବୁଲୁଥିଲେ ସେତେବେଳେ ଚୁଙ୍ଗଙ୍କୁ ସାକ୍ଷାତ୍ କରି ବିପ୍ଳବ ଲାଗି କିଛି ଅର୍ଥ-ସାହାଯ୍ୟ ମାଗିଥିଲେ । ଚୁଙ୍ଗ୍ ତାଙ୍କୁ ବିପ୍ଳବ ଲାଗି ଯେତେ ଯୁକ୍ତିଯୁକ୍ତ ଖରଚ ଲାଗିବ ତାହା ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ୧୯୦୭ ସାଲରେ ଚୁଙ୍ଗ୍‌ଙ୍କୁ ତାରବାର୍ତ୍ତା ଦ୍ୱାରା ତାଙ୍କର ପ୍ରତିଶ୍ରୁତି ବିଷୟ ସ୍ମରଣ କରାଇ ଦିଆଯାଇଥିଲା । ସେ ତାହା ପାଇ ତାଙ୍କର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ରୀ କରି ଦେଇ ସେଥିରୁ ଲବ୍ଧ ଧନ ଷାଠିଏ ହଜାର ଡଲାର ବା ଦୁଇଲକ୍ଷ ପଞ୍ଚାଅଶୀ ହଜାର ଟଙ୍କା ସାନ୍‌ଙ୍କ ନିକଟକୁ ପଠାଇ ଦେଇଥିଲେ ।

ହୁଆଙ୍ଗ୍‌ଙ୍କ ପୂର୍ଣ୍ଣ ନାମ—ହୁଆଙ୍ଗ୍ ଚିନ୍-ନାନ୍ । ସେ ଜଣେ ଗରିବ ପରିବା ବିକ୍ରେତା ଥିଲେ । ହାନୋଇରେ ଶିମ ବିକ୍ରୀ କରି ସେ ପେଟ ପୋଷୁଥିଲେ । କୋଡ଼ିଏ ବର୍ଷକାଳ ତାଙ୍କର ସ୍ୱଳ୍ପ ଉପାର୍ଜନରୁ ଅଳ୍ପ ଅଳ୍ପ ସଞ୍ଚୟ କରି ସେ ଚାରି ହଜାର ଡଲାର ବା ଉଣେଇଶ ହଜାର ଟଙ୍କା ଜମେଇ ଥିଲେ । ହୁଆଙ୍ଗ ତାଙ୍କର ଏହି ସମସ୍ତ ସଞ୍ଚୟକୁ ବିପ୍ଳବୀ ସଂଘ ହାତରେ ଅକାତରେ ଦାନ କରି କହିଥିଲେ—"ଅନ୍ୟମାନେ ସେମାନଙ୍କର ଜୀବନକୁ ବିପନ୍ନ ଓ ଉତ୍ସର୍ଗ କରୁଅଛନ୍ତି । ଜାତି ପାଇଁ ଅନ୍ୟମାନେ ଯାହା କରୁଅଛନ୍ତି ତାହା ତୁଳନାରେ ମୋର ଏହି ସମ୍ପତ୍ତି ଦାନ କିଛି ନୁହେଁ ।"

ବହୁ ଚୀନବାସୀଙ୍କର ଦେଶପାଇଁ ଅପୂର୍ବ ସ୍ୱାର୍ଥତ୍ୟାଗ ଫଳରେ ସାନୟେତ୍ ସେନ୍‌ଙ୍କ ନେତୃତ୍ୱରେ ଚୀନ ବିପ୍ଳବ ସଫଳ ହୋଇଥିଲା ଓ ସମଗ୍ର ଚୀନରେ ୧୯୧୧ ସାଲରେ ପୂର୍ଣ୍ଣ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥିଲା ।

B. K. BEHURA,
M. Sc., Ph. D., F. R. E. S.,
M. I. Biol., F. A. Z.

Digitized by srujanika@gmail.com

ଇଣ୍ଡିୟାନ ଇନ୍‌ଷ୍ଟିଚ୍ୟୁଟ ଅବ୍ ଟେକ୍ନୋଲୋଜି

ଶ୍ରୀ ନୀମାନନ୍ଦ ଦାସ, ବି.ଏସ୍‌ସି., "କଳିଙ୍ଗ ସମାଜ" ଖଡ଼ଗପୁର

ବିଗତ ୭୦।୮୦ ବର୍ଷ ତଳର ପରିସ୍ଥିତି ସହିତ ଆଜିର ପରିସ୍ଥିତି ତୁଳନା କଲେ ବେଶ୍ ବୁଝିହୁଏ ସମୟର ଅନୁପାତରେ ମନୁଷ୍ୟ କି ବିରାଟ ଉନ୍ନତି ଲାଭ କରିଛି । ନିଜର ଅଧ୍ୟବସାୟ ଓ ପ୍ରତିଭା ବଳରେ ସମଗ୍ର ଜଳ, ସ୍ଥଳ, ଆକାଶକୁ ଅଧିକାର କରି ପୃଥିବୀ ଭିନ୍ନ ଅନ୍ୟ ଗ୍ରହକୁ ଯିବାର ମଧ୍ୟ ଯୋଜନା କରୁଅଛି । ପ୍ରକୃତିର ସମସ୍ତ ଶକ୍ତିଶାଳୀ ପ୍ରତିବନ୍ଧକକୁ ଲଙ୍ଘନ କରିବାର ସାହସ ଓ ଦକ୍ଷତା ଲାଭକରିଛି କେବଳ ଏହି ଯନ୍ତ୍ର-ବିଜ୍ଞାନର ଉନ୍ନତି ଫଳରେ । ଜଳପ୍ରପାତର ପତିତ ଜଳରୁ ଶକ୍ତି ସଂଗ୍ରହ କରି ଆଜି କେତେ ନଗରୀ ବିଦ୍ୟୁତାଲୋକରେ ଉଦ୍ଭାସିତ ହୋଇ ଉଠୁଛି, କେତେ ଊଷର କ୍ଷେତ ଶସ୍ୟଶ୍ୟାମଳ ହୋଇ ଉଠୁଛି । ପ୍ରତ୍ୟେକ ଜାତିର ସମୃଦ୍ଧି ଆଜି ସେହି ଯନ୍ତ୍ରବିଜ୍ଞାନର ଉନ୍ନତି ଉପରେ ପର୍ଯ୍ୟବସିତ । ପାଶ୍ଚାତ୍ୟ ସଭ୍ୟତା ଆଜି ଅଗ୍ରଗାମୀ, କାରଣ ତାହାର ଯନ୍ତ୍ରବିଜ୍ଞାନ ସର୍ବୋନ୍ନତ । ଆଜି ଶୃଙ୍ଖଳମୁକ୍ତ ହୋଇ ଦେଶର ସେ ଅତୀତ ଗୌରବ ଫେରାଇ ଆଣିବାକୁ ହେଲେ, ଅନ୍ୟାନ୍ୟ ଦେଶମାନଙ୍କ ସହିତ ସମକକ୍ଷ ହୋଇ ଦଣ୍ଡାୟମାନ ହେବାକୁ ହେଲେ, ଆମକୁ ସେମାନଙ୍କର ପ୍ରତି-ଯୋଗିତାରେ ଅଧିକ ବେଗରେ ଗତି କରିବାକୁ ହେବ । ସେଥିପାଇଁ ଦରକାର ଆମର ଯନ୍ତ୍ର-ବିଜ୍ଞାନର ଉନ୍ନତି, ସୁଦକ୍ଷ କାରିଗର । ସେଇଥିପାଇଁ ପ୍ରଥମେ ୨ୟ ମହାଯୁଦ୍ଧ ସମୟରେ ଜାତୀୟ ଯୋଜନା କମିଟି ଏବଂ କେନ୍ଦ୍ର ଓ ପ୍ରାଦେଶିକ ଉନ୍ନୟନ ବିଭାଗମାନ ଗଢ଼ାଯାଇ ଭାରତର ପୁନର୍ଗଠନ ନିମିତ୍ତ ଆଲୋଚନା ଚାଲେ ।

ସର୍ବାଧିକ ବୁଦ୍ଧି ଓ ସଂଗଠନ ସାହାଯ୍ୟରେ ଦେଶର ସମସ୍ତ ସମ୍ପଦର ଉନ୍ନୟନ ନିମିତ୍ତ ଦରକାର ଦେଶର ଯୁବକମାନଙ୍କୁ ସୁଦକ୍ଷ କାରିଗରରେ ପରିଣତ କରିବା । ତତ୍‌କାଳୀନ ୧୪ଟି ବୈଜ୍ଞାନିକ ଶିକ୍ଷା କେନ୍ଦ୍ରକୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ଦେବାକୁ ଜାତୀୟ ସରକାର ପ୍ରଥମେ ସ୍ଥିର କଲେ । ତଦ୍ଦ୍ୱାରା ବମ୍ବେର ଭିକ୍ଟୋରିଆ ଇନ୍‌ଷ୍ଟିଚ୍ୟୁଟ୍, ଆଲିଗଡ଼ ଓ ବନାରସ୍ ଇଞ୍ଜିନିୟରିଂ କଲେଜ ଓ ବଙ୍ଗର "ଶିକ୍ଷାର ଜାତୀୟ ସମିତି" (National Council of Education) ଆଦି ଅନେକ ସାହାଯ୍ୟପ୍ରାପ୍ତ ହେଲେ । ତା'ପରେ ଭାରତୀୟ କେନ୍ଦ୍ର-ସରକାର ଯୁକ୍ତରାଷ୍ଟ୍ରର ମାସାଚୁସେଟ୍‌ସ୍ ଇନ୍‌ଷ୍ଟିଚ୍ୟୁଟ୍ ଅବ୍ ଟେକ୍ନୋଲୋଜିର ଆଦର୍ଶରେ ଭାରତର ଚାରିଦିଗରେ ଚାରିଟି ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ବୈଜ୍ଞାନିକ ଅନୁଷ୍ଠାନ ସ୍ଥାପନ କରିବାନିମିତ୍ତ ଯୋଜନା କଲେ ଏବଂ ୧୯୫୦ ମେ ମାସରେ ଭାରତର ପୂର୍ବ ଭାଗରେ ସ୍ଥାପିତ ହେବା ଅନୁଷ୍ଠାନର ଦପ୍ତର ଖୋଲାଯାଏ କଲିକତାରେ । ବଙ୍ଗ ପ୍ରଦେଶ ସରକାର ଖଡ଼ଗପୁର ନିକଟସ୍ଥ ୧୪ ହଜାର ଏକର ଜମି ସେଥିପାଇଁ ଛାଡ଼ିଦିଅନ୍ତି । ଖଡ଼ଗପୁର ଷ୍ଟେସନର ପଶ୍ଚିମଦିଗରେ ପ୍ରାୟ ୩ ମାଇଲ ଦୂରରେ ଅବସ୍ଥିତ ଏହି ବିରାଟ ପାହାଡ଼ିଆ ସ୍ଥାନ ସ୍ୱାଧୀନତା ପୂର୍ବେ ଥିଲା ରାଜନୈତିକ ବନ୍ଦୀମାନଙ୍କର ବନ୍ଦୀଶାଳା ଓ ତା'ପୂର୍ବରୁ ଥିଲା ଆମେରିକାର ସୈନ୍ୟଘାଣ୍ଟି ।

ସର୍ବପ୍ରଥମେ ଜୁଲାଇ ୧୯୫୧ ମସିହାରେ ଭାରତରେ ବଚ୍ଛା ବଚ୍ଛା ୨୨୦ ଛାତ୍ରଙ୍କୁ ନେଇ ଶିକ୍ଷାଦାନ ଆରମ୍ଭ ହୁଏ ଏକ ପୁରାତନ ବିରାଟ କଲେକ୍ଟରେଟ୍, କୋଠା ମଧ୍ୟରେ । ଲାବରେଟୋରୀ, ଲେକ୍‌ଚର ହଲ୍, ମିଉଜିୟମ୍, ହଷ୍ଟେଲ ଇତ୍ୟାଦି ନିମିତ୍ତ ସୁଇଜରଲ୍ୟାଣ୍ଡର ବଚ୍ଛା ବଚ୍ଛା କାରିଗରଙ୍କଠାରୁ ନକ୍‌ସା ଆସିଥିଲା । ମୋଟ ଉପରେ ଦେଢ଼ହଜାର ଛାତ୍ର, ୩୦୦ ଶିକ୍ଷକ ଏବଂ ଶହେ ଅଫିସ ବିଭାଗୀୟ ଲୋକଙ୍କର ଏକ ବସତି ଜୁନ୍ ୧୯୫୫ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଏ । ଲେକ୍‌ଚର୍ ହଲ୍, ଲାଇବ୍ରେରୀ ଇତ୍ୟାଦି ନିର୍ମାଣ ନିମିତ୍ତ ୯୦ ଲକ୍ଷ ଟଙ୍କା ଦିଆଯାଇଛି । ୧ ଲକ୍ଷ ବର୍ଗଫୁଟ ସ୍ଥାନରେ କାରଖାନା ଇତ୍ୟାଦି ବସାଯାଉଛି । କାରଖାନାର ଯନ୍ତ୍ରପାତି ଇତ୍ୟାଦି ଏକ କୋଟି ଟଙ୍କାର କିଣା ଯାଉଛି । ବର୍ତ୍ତମାନ ପ୍ରତ୍ୟେକଥିରେ ଅଢ଼େଇଶହ ଛାତ୍ରଙ୍କ ବସବାସ ନିମିତ୍ତ ୩ଟି ଛାତ୍ରାବାସ ନିର୍ମିତ ହୋଇ

Digitized by srujanika@gmail.com

ପାରିଛି । ଅନ୍ୟ ଏକ ସବୁଠାରୁ ବଡ଼ ଛାତ୍ରାବାସଟିରେ ଦୁଇଶହ ଛାତ୍ରଙ୍କ ରହିବା ନିମିତ୍ତ ସୁବିଧା କରାଯାଇଛି । ଏହାବ୍ୟତୀତ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରମାନଙ୍କ ନିମିତ୍ତ ଅନ୍ୟ ଏକ ଶ୍ରେଷ୍ଠ ଛାତ୍ରାବାସ ନିର୍ମିତ ହେଉଅଛି । କହି ରଖିବାର କଥା, ପ୍ରତ୍ୟେକ ଛାତ୍ର ନିମିତ୍ତ ଟେବୁଲ, ଚେୟାର ଓ ଖଟ ଥିବା ସ୍ୱତନ୍ତ୍ର ବଖରାମାନ ସବୁଥିରେ ରହିଛି । ହାରାହାରି ପ୍ରତି ପାଞ୍ଚଜଣରେ ଗୋଟିଏ ପାଇଖାନା ଓ ଗାଧୁଆ ଘର । ପାଇଖାନାଗୁଡ଼ିକ ବିଲାତି କାଇଦାରେ ଚିନାମାଟିରେ ତିଆରି ଓ ଇଚ୍ଛାମତେ ସୁବିଧାରେ ସଫା ହୋଇ ଯାଇଥାଏ । ଛାତ୍ରାବାସରେ ଖାଇବା ନିମିତ୍ତ ଭାରତର ପ୍ରତ୍ୟେକ ଅଞ୍ଚଳର ଲୋକଙ୍କ ରୁଚି ଅନୁଯାୟୀ ସୁବିଧା କରାଯାଇ ଅଛି ।

ବର୍ତ୍ତମାନ ପୁରୁଣା କଲେକ୍ଟରେଟ୍ କୋଠା ବ୍ୟତୀତ ନୂଆ କୋଠା ପ୍ରାୟ ସବୁ ସରି ଗଲାଣି । ପ୍ରଧାନ କୋଠାରେ ଏହି ଆଠମହଲା ବିଶିଷ୍ଟ ଉଚ୍ଚ ଘଣ୍ଟା-ଗମ୍ବୁଜ (clock tower) ତିଆରି କରାଯାଇଛି । ତାହାର ଚାରିପାଖରେ ଚାରିଟି ଘଣ୍ଟା ରହିବ ।

ପ୍ରାୟ ଦୁଇଶହ ଅଧ୍ୟାପକଙ୍କୁ ପରିବାର ନେଇ ରହିବା ପାଇଁ ସୁନ୍ଦର ସୁନ୍ଦର ସ୍ୱତନ୍ତ୍ର କ୍ୱାର୍ଟର୍ ମିଳିଅଛି । ଅନେକ କିରାଣିଙ୍କୁ ମଧ୍ୟ ସ୍ୱତନ୍ତ୍ର କ୍ୱାର୍ଟର୍ ମିଳିଅଛି । ତଳିଆ କର୍ମଚାରୀମାନଙ୍କ ନିମିତ୍ତ ଘର ତିଆରି ଚାଲିଛି ।

ଏଠାରେ ଛାତ୍ର ଗ୍ରହଣ ନିମିତ୍ତ ଏହି ବର୍ଷଠାରୁ ପ୍ରତିବର୍ଷ ମେ ମାସରେ ଚାରିଆଡ଼େ ପ୍ରତ୍ୟେକ ପ୍ରାଦେଶିକ କେନ୍ଦ୍ରମାନଙ୍କରେ ଏକ ପ୍ରବେଶିକା ପରୀକ୍ଷା ଏହି ଅନୁଷ୍ଠାନ ତରଫରୁ କରା ଯାଉଅଛି । ଇଂରାଜୀ ଓ ସାଧାରଣ ଜ୍ଞାନ, ଗଣିତ ଏବଂ ଡ୍ରଇଂ ଏହିପରି ତିନୋଟି ବିଷୟରେ ପରୀକ୍ଷା କରାଯାଏ । ପାଶ୍ କରିଥିବା ଛାତ୍ର-ମାନଙ୍କର କ୍ରମ-ଯୋଗ୍ୟତା ଅନୁଯାୟୀ (In order of merit) ସେମାନଙ୍କୁ ବଛାଯାଏ । ଦୁଃଖର କଥା ଏ ବର୍ଷ ଆମର ଏଠାରେ ମୋଟେ ୭୦ ଜଣ ଛାତ୍ର ପରୀକ୍ଷା ଦେଇଛନ୍ତି ।

ଏଠାରେ ସିଭିଲ, ଇଲେକ୍‌ଟ୍ରିକାଲ୍, ମେକାନିକାଲ୍ ଏଗ୍ରିକଲଚରାଲ୍ ଜିଓଲୋଜି ଓ ଜିଓଫିଜିକ୍‌ସ ବ୍ୟତୀତ ଅନ୍ୟ କେତେକ ଚିତ୍ତାକର୍ଷକ ଓ ବିଶିଷ୍ଟ ବିଷୟ ଶିକ୍ଷାର ଯୋଜନା କରାଯାଇଛି । ତନ୍ମଧ୍ୟରେ ଆର୍କିଟେକ୍‌ଚର, ଟାଉନ୍‌ପ୍ଲାନିଂ, ନାଭାଲ ଆର୍କିଟେକ୍‌ଚର ପ୍ରଧାନ । ୧୯୫୫ ମସିହାରୁ ମେଟାଲର୍ଜି ଓ ମାଇନିଂ ଖୋଲା ଯାଉଛି । ସବୁ ଇଞ୍ଜିନିୟରିଂ ଗୁଡ଼ିକର ଚାରିବର୍ଷବ୍ୟାପୀ ଡିଗ୍ରୀକୋର୍ସ, ଜିଓଲୋଜି ଓ ଜିଓଫିଜିକ୍‌ସ୍ ଡିଗ୍ରୀକୋର୍ସ ୩ ବର୍ଷ । ଆର୍କିଟେକ୍‌ଚର, ଟାଉନ୍ ପ୍ଲାନିଂ ଓ ନାଭାଲ ଆର୍କିଟେକ୍‌ଚର ପ୍ରତ୍ୟେକ ୫ବର୍ଷ ଲେଖାଏଁ । ଏହା ବ୍ୟତୀତ ଅନେକ ବିଷୟରେ ପୋଷ୍ଟ ଗ୍ରାଜୁଏଟ୍ ଶ୍ରେଣୀ ମଧ୍ୟ ଖୋଲା ଯାଇଛି । ତନ୍ମଧ୍ୟରେ କମ୍ୟୁନି-କେଶନ୍ ଇଞ୍ଜିନିୟରିଂ, ହାଇୱେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ୍, ହାଇପ୍ରେସର୍ ଟେକ୍ନୋଲୋଜି, ସିନ୍ଥେ-ଟିକ୍‌ସ୍, ଫର୍ମାସିଉଟିକାଲ୍‌ସ୍ ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

କଲମ୍ବୋ ଯୋଜନା ଅନୁଯାୟୀ ଏଠାକୁ ନାନା ଯନ୍ତ୍ରପାତି ଆସୁଅଛି, ନାନା ଛାତ୍ର ଓ ଅଧ୍ୟାପକ ମଧ୍ୟ ବିଦେଶରୁ ଆସୁଛନ୍ତି । ସେମାନଙ୍କ ମଧ୍ୟରେ ଇଉ-ନେସ୍କୋରୁ (UNESCO) ଆସୁଥିବା ବିଶିଷ୍ଟ ଜର୍ମାନ ଅଧ୍ୟାପକଙ୍କ ବିଷୟ ଉଲ୍ଲେଖଯୋଗ୍ୟ ।

ଇଉନେସ୍କୋ ତରଫରୁ ଓ କଲମ୍ବୋ ଯୋଜନା ଅନ୍ତର୍ଭୁକ୍ତ ବ୍ରିଟିଶ ସାମ୍ରାଜ୍ୟ ଗୋଷ୍ଠୀର କେତେକ ଦେଶର ଆର୍ଥିକ ସାହାଯ୍ୟ ଯୋଗେ ପ୍ରଚୁର ଅର୍ଥ ବିନିମୟରେ ଏକ ବିରାଟ "ହାତ ହତିଆର ଗୃହ" (Tool-Room) ଏବେ ଭାରତରେ ଥିବା ବ୍ରିଟିଶ ହାଇକମିଶନର୍ ଉଦ୍‌ଘାଟନ କରିଛନ୍ତି । ଜଣାଯାଏ ସମଗ୍ର ଏସିଆରେ ଏହା ଏ ପ୍ରକାରର ଶ୍ରେଷ୍ଠତମ ଅଟେ ।

କେବଳ ସେତିକ ନୁହେଁ ଯୁକ୍ତରାଷ୍ଟ୍ରର ଇଲିନୟସ୍ ବିଶ୍ୱବିଦ୍ୟାଳୟ ସହିତ ହୋଇଥିବା ଏକ ୩ ବର୍ଷ-ବ୍ୟାପୀ ଚୁକ୍ତିର ଆନ୍ତର୍ବିଶ୍ୱବିଦ୍ୟାଳୟ ସହଯୋଗ ଯୋଜନା ଅନୁଯାୟୀ ସର୍ବାଧିକ ସାଢ଼େ ଚାରିଲକ୍ଷ ଡଲାର ମୁଦ୍ରା ମୂଲ୍ୟରେ ଏହି ଅନୁଷ୍ଠାନର କେତେକ ଅଧ୍ୟାପକ ସେଠାରେ ଶିକ୍ଷା ପାଇବେ । ତା' ବ୍ୟତୀତ ଉକ୍ତ ବିଶ୍ୱବିଦ୍ୟାଳୟରୁ ଅଧ୍ୟାପକମାନେ ଆସି ଏହି ଅନୁଷ୍ଠାନର ଶିକ୍ଷା ଯୋଜନାରେ ଉନ୍ନତି ଦିଗରେ

Digitized by srujanika@gmail.com

ଚେଷ୍ଟା ଓ ସାହାଯ୍ୟ କରିବେ । ସେହି ଯୋଜନାରେ ଗତବର୍ଷ ଜଣେ ଇଲେକ୍ଟ୍ରିକ୍ ଓ ଜଣେ ଏଗ୍ରିକଲ୍‌ଚରାଲ୍ ଇଞ୍ଜିନିୟର ଆସିଥିଲେ ଏବଂ ଏଠାରୁ ପ୍ରାୟ ୭।୮ ଜଣ ଅଧ୍ୟାପକ ଶିକ୍ଷା ଗ୍ରହଣ ନିମିତ୍ତ ଆମେରିକା ଯାତ୍ରା କରିଛନ୍ତି ।

ଉନ୍ନତ ବିଶ୍ୱବିଦ୍ୟାଳୟମାନଙ୍କର ଶିକ୍ଷା ପ୍ରଣାଳୀଠାରୁ ଏ ସ୍ଥାନରେ ଶିକ୍ଷା ପ୍ରଣାଳୀ ଭିନ୍ନ । ପାଠ୍ୟ ପୁସ୍ତକ କେବଳ ମୁଖସ୍ଥ କରିଲେ ଚଳେ ନାହିଁ । ବିଷୟବସ୍ତୁକୁ ସଂପୂର୍ଣ୍ଣ ବୁଝି ସେ ବିଷୟରେ ସ୍ପଷ୍ଟ ଧାରଣା କରିବାକୁ ହେବ । ସେଥିପାଇଁ କେତେକ ପରୀକ୍ଷାରେ (Open-book examination) ବହି ମଧ୍ୟ ଯୋଗାଇ ଦିଆଯାଏ । ମୂଳସୂତ୍ରଗୁଡ଼ିକ ସମ୍ବନ୍ଧରେ ମୌଳିକ ଧାରଣା ସ୍ପଷ୍ଟ ନ ହେଲେ ପୁସ୍ତକ ସାହାଯ୍ୟରେ ମଧ୍ୟ ସମସ୍ୟା ସମାଧାନ କରିହୁଏ ନାହିଁ । ଶିକ୍ଷାବିତ୍‌ମାନଙ୍କ ମତରେ ତଦ୍ଦ୍ୱାରା ଛାତ୍ରର ବୁଦ୍ଧିଶକ୍ତି ପରୀକ୍ଷିତ ହୋଇଥାଏ । ସମୁଦାୟ ବର୍ଷଟିକୁ ତିନି ଭାଗରେ ବିଭକ୍ତ କରାଯାଇଛି । ପ୍ରତ୍ୟେକକୁ ଗୋଟିଏ ଗୋଟିଏ ଟର୍ମ (Term) କୁହାଯାଏ । ପ୍ରତି ଟର୍ମରେ ପରୀକ୍ଷା ହୁଏ ଓ ସେହି ଟର୍ମରେ ଯେତିକି ମାତ୍ର ପଢ଼ା ଯାଇଥାଏ ସେତିକି ସେହି ପରୀକ୍ଷାର ଅନ୍ତର୍ଭୁକ୍ତ । ପ୍ରତ୍ୟେକ ଗାଣିତିକ ସୂତ୍ରର ପ୍ରୟୋଗ ସମ୍ବନ୍ଧରେ ଅଧିକ ବ୍ୟାଖ୍ୟା କରାଯାଇଥାଏ । ଶ୍ରେଣୀ ଗୃହ ଅପେକ୍ଷା କାରଖାନା ଶିକ୍ଷାପ୍ରତି ଅଧିକ ନଜର ଦିଆଯାଇଥାଏ ଏବଂ ପ୍ରତି ଗ୍ରୀଷ୍ମଛୁଟିରେ ଅନ୍ୟୂନ ଏକମାସ କୌଣସି ନା କୌଣସି ସ୍ଥାନରେ ଶିକ୍ଷା ଦିଆଯାଇଥାଏ । ଏଠାରେ ପି.ଏଚ୍.ଡି ପାଇଁ ଗବେଷଣା କରିବାର ଓ ଫରାସୀ ଜର୍ମାନୀ ଭାଷା ଶିଖିବାର ସୁବିଧା ରହିଛି । ଏଠାକାର ଅଧ୍ୟାପକମାନେ ଅତ୍ୟନ୍ତ ଉଚ୍ଚଶିକ୍ଷିତ ଓ ଅଧିକାଂଶ ବିଦେଶରୁ ଶିକ୍ଷାପ୍ରାପ୍ତ । ଦୁଃଖର ବିଷୟ ଶିକ୍ଷା ବିଭାଗରେ ଏକମାତ୍ର ଓଡ଼ିଆ ଶ୍ରୀଯୁକ୍ତ ହୃଦୟ ବଲ୍ଲଭ ମହାନ୍ତି । (ସେ ହେଉଛନ୍ତି ଖ୍ୟାତନାମା ଓଡ଼ିଆ ଅଧ୍ୟାପକ ଶ୍ରୀଯୁକ୍ତ ଅର୍ତ୍ତବଲ୍ଲଭ ମହାନ୍ତିଙ୍କ ପୁତ୍ର) ।

ଏଠାରେ ପ୍ରତିଦିନ ସକାଳେ ଡ୍ରିଲ ଶିକ୍ଷା ବାଧ୍ୟତାମୂଳକ ଭାବେ ଦିଆଯାଏ । ଏହା ବ୍ୟତୀତ ଏନ୍.ସି.ସି. ଓ ସୋସିଏଲ୍ ସର୍ଭିସ ରହିଛି । ସୋସିଏଲ ସର୍ଭିସ କରୁଥିବା ଛାତ୍ରମାନଙ୍କ ଦ୍ୱାରା ଓ ସିଭିଲ୍ ଇଞ୍ଜିନିୟରିଂ ଛାତ୍ରମାନଙ୍କଦ୍ୱାରା ଏକ ସନ୍ତରଣ ପୁଷ୍କରିଣୀର ନିର୍ମାଣ ହୋଇଛି । ଏହାବ୍ୟତୀତ ଏଠାରେ ସମସ୍ତ ଖେଳର ସୁବିଧା ରହିଛି । ପ୍ରାୟ ୫ହଜାର ଦର୍ଶକଙ୍କ ଗ୍ୟାଲେରୀ ଥିବା ଏକ ବିରାଟ ଷ୍ଟାଡ଼ିୟମ ଡକ୍ଟର ଜ୍ଞାନଚନ୍ଦ୍ର ଘୋଷଙ୍କ ନାମରେ ନାମିତ କରା ଯାଇଛି । ତା'ପରେ ଏଠାରେ ଅନେକ ବକ୍ତୃତା ପ୍ରତିଯୋଗିତା, ପ୍ରଶ୍ନ ପ୍ରତିଯୋଗିତା (Quiz competition), ଆବୃତ୍ତି ପ୍ରତିଯୋଗିତା ଇତ୍ୟାଦି ମଧ୍ୟ ହୋଇଥାଏ । ଆମୋଦ ପ୍ରମୋଦ ନିମିତ୍ତ ସମୟ ସମୟରେ ବାହାରୁ ଅଭିନେତା ଓ ଅଭିନେତ୍ରୀଙ୍କୁ ଡକା ଯାଇଥାଏ ।

ପାଠକୁ ଅତି ଉଚ୍ଚ ଓ ସରସ, ଜୀବନର ଧାରାକୁ ଆହୁରି ସୁନ୍ଦର କରିବାପାଇଁ ସମସ୍ତ ଚେଷ୍ଟା ଚାଲିଅଛି । ଦକ୍ଷିଣପୂର୍ବ ଏସିଆର ଏହି ସୁବୃହତ୍ ବୈଷୟିକ ଶିକ୍ଷାକେନ୍ଦ୍ର ଦେଶରେ ସୁଦକ୍ଷ କାରିଗରଙ୍କ ଅଭାବ ପୂରଣ କରିବା ସଙ୍ଗେ ସଙ୍ଗେ ଭାରତକୁ ଏକ ଶ୍ରେଷ୍ଠ ଶିଳ୍ପ-ପ୍ରଧାନ ଦେଶରୂପେ ଗଢ଼ିବାରେ ଯଥେଷ୍ଟ ସାହାଯ୍ୟ କରିବ ।

(କୌଣସି ବିଷୟରେ ବିଶେଷ ବିବରଣୀ ନିମିତ୍ତ ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ) ।

ସମ୍ପାଦକ, କଳିଙ୍ଗ ସମାଜ
୧୦୬ ସି ଆଜାଦ ହଲ ।
ପୋଃଅଃ ଟେକ୍ନୋଲୋଜି, ଖଡ଼ଗପୁର ।

Digitized by srujanika@gmail.com

ପଣସ

ଡକ୍ଟର ଶ୍ରୀ ବିଶ୍ୱନାଥ ସାହୁ, ବି.ଏଜି. (ନାଗ), ଏମ୍. ଏସ୍.ଏ, ପି. ଏଚ୍. ଡି (ମିସିଗାନ୍)

ବୌଦ୍ଧ ଶାସ୍ତ୍ରରେ ପଣସ ଗୋଟିଏ ପବିତ୍ର ଗଛ-ରୂପେ ବର୍ଣ୍ଣନା କରାଯାଇଛି । ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀରେ ବିଶେଷତଃ ମାଳ ଓ ପାହାଡ଼ିଆ ଅଞ୍ଚଳରେ ଏହା ଦେଖାଯାଇଥାଏ ।

ଫଳର ଗଠନ—

ପଣସ ଯୌଗିକ ଫଳ ଶ୍ରେଣୀଭୁକ୍ତ । ଫେନ୍ଥାଏ ଫୁଲରୁ ପଣସ ଫଳର ଉତ୍ପତ୍ତି । ଫୁଲଗୁଡ଼ିକ ମଞ୍ଜିଦଣ୍ଡ ବା ଭୁଣ୍ଡି ଗୁର ପାଖରେ ଲାଗି ରହିଥାନ୍ତି । ଏହି ଭୁଣ୍ଡି ମୁଦ୍‌ଗର ଆକୃତି ବିଶିଷ୍ଟ । ପ୍ରତ୍ୟେକ ଫୁଲରୁ ଗୋଟାଏ ଲେଖାଏଁ ଫଳ ହୁଏ । ଏହି ଫଳକୁ ଫୁଟ କୁହାଯାଏ । ଫୁଟଗୁଡ଼ିକ ସରୁ ସରୁ ଚେପ୍‌ଟା ସୂତାରେ ଘେରି ହୋଇଥାଏ । ଏହିଗୁଡ଼ିକୁ ପଣସ ବୋତା କୁହାଯାଏ । କଞ୍ଚାବେଳେ ପଣସ ଫଳକୁ କଠା କୁହାଯାଏ । କଠାର ଏହି ବୋତାଅଂଶ ଫୁଟ ସହିତ ତରକାରି ହୁଏ । ପଣସ ଫୁଟକୁ ଖୋସା ମଧ୍ୟ କୁହାଯାଏ । ଖୋସାର ସୁସ୍ୱାଦୁ ଚୋପା ମଝିରେ ମଞ୍ଜି ଥାଏ ।

ଉପାଦେୟତା—

ପଣସ ଗୋଟିଏ ଅତି ପ୍ରିୟ ଫଳ । କେବଳ ଫଳ ବଡ଼ ହେଉ ନୁହେଁ, ଗଛପ୍ରତି ମଧ୍ୟ ଖୁବ୍ ଅଧିକ ଓଜନର ଖାଦ୍ୟ ପଦାର୍ଥ ମିଳିଥାଏ । କଦଳୀ, ନଡ଼ିଆ ଏବଂ ଆମ୍ବ ପରିକୁ ପଣସ ଅତି ପ୍ରିୟ ଓ ଉପାଦେୟ ଫଳ । ଏହି ଗଛର ପ୍ରତ୍ୟେକ ଅଙ୍ଗ ମନୁଷ୍ୟର ବ୍ୟବହାରରେ ଆସେ । ପତ୍ର ଜାଳରୂପରେ ଏବଂ ଖଳିପତ୍ର ଆକାରରେ ଏବଂ ଏଣ୍ଡୁରି ପିଠା କରିବା ଲାଗି ବ୍ୟବହୃତ ହୁଏ । ପଣସ ପଟାରେ ଘରର କବାଟ ଏବଂ ଅନ୍ୟାନ୍ୟ ଆସବାବ ତିଆରି ହୋଇଥାଏ । ପଣସ କଠା ତରକାରି ହୁଏ । ପାଚିଲା ପଣସ ଅତି ପ୍ରୀତିକର ଭୋଜନ ସାମଗ୍ରୀ । ପଣସ ମଞ୍ଜି ଶୁଖାଇ ବହୁଦିନ ରଖାଯାଇ ପାରେ ଏବଂ ଏଥିରେ ଉତ୍କୃଷ୍ଟ ତରକାରି ହୁଏ । ଆଦିବାସୀମାନଙ୍କର ଏହା ଏକ ଉତ୍କୃଷ୍ଟ ଖାଦ୍ୟ ଓ ଅର୍ଥକରି ଫଳ ।

ମାଟି—

ପଣସ ସମୁଦ୍ର ପତନଠାରୁ ୫୦୦୦ ଫୁଟ ଉଚ୍ଚ ମାଳଭୂମିରେ ବଢ଼ି ଫଳେ । ବହୁତ ବର୍ଷା ଓ ମରୁଡ଼ି ଏବଂ ଶୁଷ୍କ ଜଳବାୟୁରେ ମଧ୍ୟ ଏହା ବଢ଼ିଥାଏ । ତେଣୁ ଏହା ମାଳ ଓ ପାହାଡ଼ିଆ ଜାଗାର ଗଡ଼ାଣିଆ ଅଞ୍ଚଳରେ ବିଶେଷ ପରିମାଣରେ ଦେଖାଯାଏ ।

ଗହିଡ଼ା, ଲାଲ ଝୁଗୁଡ଼ିଆ ମାଟି, ମଟାଳ ଓ ବନ-ମାଟିରେ ପଣସ ଭଲ ବଢ଼େ । କଳାକପା ଓ ଚୁନ-ମାଟିରେ ତେତେ ଭଲ ଉଧାଏ ନାହିଁ । ସନ୍ତସନ୍ତିଆ ଜାଗାରେ ପଣସ ବଢିପାରେ ନାହିଁ । ତେଣୁ ପୋଖରୀ ହୁଡ଼ା, ନାଳବନ୍ଧ ଉପରେ ପଣସ ଝଙ୍କାଧରି ବଢ଼େ । କିନ୍ତୁ ପାଣି ଝରୁଥିବା ସନ୍ତସନ୍ତିଆ ଜାଗାରେ ପଣସ ଝୁଗୁଡ଼ିଆ ପଡ଼ି ବଢ଼େନାହିଁ । ଉଚ୍ଚା ଓ ନଗିଡ଼ା ଜାଗା ପଣସ ପାଇଁ ଉତ୍କୃଷ୍ଟ ।

ପ୍ରକାର—

ମଞ୍ଜିରୁ ପଣସର ବଂଶବୃଦ୍ଧି ହୁଏ । ତେଣୁ କୌଣସି ଦୁଇଟି ପଣସ ଗଛ ଏକାପରି ପଣସ ଫଳ ଦିଅନ୍ତି ନାହିଁ । ତଥାପି ତିନି ଜାତିର ପଣସ ଦେଖା ଯାଇଥାଏ । ଯଥା (୧) ଖଜାପଣସ—ପଣସ ଖୋସା ସରୁ, ରଙ୍ଗ ଦୁଧସର ପରି ନଚେତ୍ ଚମ୍ପାଫୁଲ ପରି । ଫୁଟ ଖାଇବାକୁ ମସମସିଆ ଓ ମଧୁର । (୨) କାଦୁଆପଣସ—ପଣସ ଖୁବ୍ ବଡ଼, ପିଠିଟା ମୁନିଆ ମୁନିଆ । ଖୋସା ପାଚିଲେ ନୋଟରି ଯାଏ ଏବଂ ତୁଳାପରି ନରମ ଧରେ । (୩) ରୁଦ୍ରାକ୍ଷି ବା ଗୁଡ଼ଳିଆ—ପଣସ ଅତି ବଡ଼ ହୁଏ ନାହିଁ । ପିଠିଟା ଚକ୍‌କଣ, ସାମାନ୍ୟ ମୁନିଆ । ଖୋସା ଟାଣ, ସାମାନ୍ୟ ପାଣିଚିଆ ।

ବଂଶବୃଦ୍ଧି—

ମଞ୍ଜି ଖୋସାରୁ ବାହାରିବା ମାତ୍ରେ ମାଟିରେ ଲଗାଇଲେ ଗଛ ହୁଏ । କେତେକ ମଞ୍ଜି ମଧ୍ୟ ଖୋସା

Digitized by srujanika@gmail.com

ଭିତରୁ ଗଜା ହୋଇଥାନ୍ତି । ମଞ୍ଜି ଶୁଖିଗଲେ ଗଜା ହେବା କଠିନ; ମାଟିରେ ଲଗାଇ ପାଣିଦେଲେ ପଚି-ଯାଏ । ମଞ୍ଜି ଗଛ ଉପରେ "ଯୋଡ଼କଲମି" ବା "ଇନାରଚିଙ୍ଗ" କରି ବଂଶବୃଦ୍ଧି କରାଯାଇ ଥାଏ । କିନ୍ତୁ ରୁଦ୍ରାକ୍ଷ ଓ ଖଜାପଣସ ମା' ଗଛ ହେବା ଦରକାର । ଖଜାପଣସ ଗଛ ଉପରେ ଅନ୍ୟ ପଣସର "ଯୋଡ଼କଲମି" କଲେ ଗଛକର ୭୦ଟି କଲମି ଉଠେ, ୩୦ଟା ପର୍ଯ୍ୟନ୍ତ ମାଡ଼ ଖାଇଯାଏ ବା ଯୋଡ଼ ଲଗେ-ନାହିଁ ।

ସାଧାରଣତଃ ମଞ୍ଜିରୁ ବଂଶବୃଦ୍ଧି କରା ଯାଇଥାଏ । ମଞ୍ଜିଗଛ ଦୁଇରୁ ଅଡ଼େଇ ବର୍ଷ ପୁରୁଣା ହେଲେ "ଯୋଡ଼କଲମି" କରିବ ।

ଲଗାଇବା—

ପଣସ ଲଗାଇବାକୁ ବିଶେଷ ଯତ୍ନ ଦରକାର ପଡ଼େନାହିଁ । ସାଧାରଣତଃ ଆମ୍ବ, ନଡ଼ିଆ, କମଳା ଓ କଫି ବଗିଚା ମଝିରେ ମଝିରେ ପଣସଗଛ ଲଗା ଯାଇଥାଏ ।

ଗଛକୁ ଗଛ ମଧ୍ୟରୁ ୨୦ରୁ ୨୫ ହାତ ଅନ୍ତର ରଖିବ । ପଣସଗଛ ଚେର ବହୁତଦୂର ମାଡ଼ଯାଏ ଏବଂ ଏହି ଚେରରେ ମଧ୍ୟ ଫଳ ହୁଏ ।

ଗଛକୁ ଯେପରି ଛେଳି ଏବଂ ଗୋରୁଗାଈ ଖାଇ ନ ଯାନ୍ତି ସେଥିଲାଗି ମୋଡ଼ିଆ ଦେବ ନଚେତ୍ କଣ୍ଟା ଗୁଞ୍ଜିଦେବ । ଖରାଦିନେ ପାଣି ଦେବା ଦରକାର । ବର୍ଷାଋତୁ ଆରମ୍ଭରେ ଗଛ ମୂଳରେ କିଛି ଗୋବର ଖତ ଦେଇ ମାଟି ସହିତ ଫେଣ୍ଟିଦେଲେ ଗଛ ଜୋର ଧରି ବଢ଼େ ।

ପୁରୁଣା ଓ ବୁଢ଼ା ଗଛରୁ ମଲାଡାଳ କାଟିଗୁଣ୍ଡି କରି ଆଲକାତରା ବୋଳି ଦେବ ।

ଫଳ—

ସାଧାରଣତଃ ପାଞ୍ଚସାତ ବର୍ଷର ଗଛ ଫଳିବାକୁ ଆରମ୍ଭ କରେ । ମାର୍ଗଶିର, ପୌଷମାସରେ ପଣସ କଠା ଆରମ୍ଭ ହୁଏ । କାହିଁ କଦବା ବୈଶାଖ ଜ୍ୟେଷ୍ଠରେ କଠା ପଡ଼ିଥାଏ । ମାଘମାସ ବେଳକୁ କଠା ତରକାରିଯୋଗ୍ୟ ହୋଇଯାଏ । ସାବିତ୍ରୀ ଅମାବାସ୍ୟା ବେଳକୁ ଗରମ ପାଇ ପଣସ ପାଚେ ।

ଗଛ, ଗଣ୍ଡି, ଡାଳ ଏବଂ ଚେରରେ ଫଳ ଧରେ । ମାଟିରେ ଫଳଲେ ମାଟି ଫାଟିଯାଏ ଏବଂ ପଣସ ବଢ଼େ ।

ପଣସ ପାଚଲେ ତା ଦେହରୁ ଗୋଟିଏ ସୁବାସ ବାହାରେ । ଇଥେଲ ବ୍ୟୁଟେରେଟ୍ ପଦାର୍ଥ ହେତୁ ଏହି ବାସ ଘଟିଥାଏ ।

ପଣସ ମଞ୍ଜି—

ଧଳା ଖୋଳପା ଛଡ଼ାଇଦେଲେ ଲାଲମଞ୍ଜି ବାହାରେ । ମଞ୍ଜି ଶ୍ୱେତସାରରେ ପରିପୂର୍ଣ୍ଣ । ଗୋଟାଏ ପଣସରୁ ବାହାରିବା ମଞ୍ଜିରୁ ପ୍ରାୟ ୨ସେର ଓଜନର ଅଟା ମିଳିବ । ଗୋଟାଏ ଗଛରୁ ହାରାହାରି ୨୦ଟା ପଣସ ମିଳିଲେ ପ୍ରାୟ ସେ୧୮ର ପର୍ଯ୍ୟନ୍ତ ଶ୍ୱେତସାର ମିଳିବ ।

ଗଛପ୍ରତି ଆମଦାନି—

ସବୁବର୍ଷ ସମାନ ଫଳ ଆସେନାହିଁ । ତେବେ ହାରାହାରି ଗୋଟାଏ ଗଛରୁ କଷି ଶୁଖି ଝଡ଼ପଡ଼ିବା ପରେ ୧୫ରୁ ୨୦ଟା ପଣସ ପାଚିବା ପାଏ ରହେ । ଗୋଟାଏ ଗଛରେ ୨୦୦ ପର୍ଯ୍ୟନ୍ତ ଫଳ ଆସିବାର ଦେଖାଯାଇଛି । ଫଳରେ ମଧ୍ୟ ତାରତମ୍ୟ ଦେଖା-ଯାଏ ।

ଫଳବିନ୍ଧା ପୋକ—

ପଣସ କଠାବେଳେ ପ୍ରଜାପତି କଠା ଉପରେ ଡିମ୍ବ ପାରେ । ଡିମ୍ବ ଫୁଟି ଗୋଟାଏ ଦୁଇଟା ପୋକ କଠାକୁ ବିନ୍ଧି ଶସ ଭିତରେ ପଶି ରହନ୍ତି ।

ପତ୍ରରେ ଗେରୁଆ ଦାଗ—

ଏହା ଏକପ୍ରକାର ଫଙ୍ଗସ୍ ହେତୁ ଘଟିଥାଏ । ବୋର୍ଡୋମିକଶ୍ଚର ପିଚକାରି ଗଛକୁ ରୋଗମୁକ୍ତ କରି ରଖେ ।

Digitized by srujanika@gmail.com

ଅସାହୀ

ଶ୍ରୀ ବିପିନବିହାରୀ ମହାନ୍ତି ।

୧୮୭୯ ମସିହା, ଜାନୁଆରୀ ୨୫ ତାରିଖରେ ଓସାକା (ଜାପାନ) ରେ ଏକ ନୂତନ ସମାଚାର ପତ୍ର ଜନ୍ମ ହେଲା । ପତ୍ରଟିର ନାମ "ଅସାହୀ" । ଏହାର ସମ୍ପାଦକ ରୟୁ ହେୟୀ ମୁରୟମା, ପତ୍ରଟି ପ୍ରକାଶ କରିବା ପୂର୍ବରୁ ଲେଖିଥିଲେ ଯେ ଅତି ସାଧାରଣ ଲୋକ ପତ୍ରଟି ପଢ଼ି ବୁଝିପାରିବ ଏବଂ ଶ୍ରେଷ୍ଠ ପିଲାମାନେ ମଧ୍ୟ ଲାଭାନ୍ୱିତ ହେବେ । ଏହାର ମୁଖ୍ୟ ଉଦ୍ଦେଶ୍ୟ, ଜାପାନର ପ୍ରତ୍ୟେକ ବ୍ୟକ୍ତିକୁ ଉତ୍କର୍ଷଶୀଳ ଲୋକତନ୍ତ୍ର ଓ ସାମାଜିକ ନ୍ୟାୟର ଶିକ୍ଷା ଦେବା ।

ଅସାହୀ, ଗତ ୨୫ ଜାନୁଆରୀରେ ୭୬ ବର୍ଷରେ ପଦାର୍ପଣ କଲା । ଗତ ୭୫ ବର୍ଷ ମଧ୍ୟରେ ଏହା ଜାପାନକୁ ଯାହାକିଛି ଶିକ୍ଷା ଦେଇଛି ଓ ନିଜେ ଯେଉଁ ପ୍ରତିଷ୍ଠା ଲାଭ କରିଛି ତାହା ଏକ ମହାକାବ୍ୟର ବିଷୟବସ୍ତୁ ହୋଇ ପାରେ । ଅସାହୀର କପି ପ୍ରତିଦିନ ୪୦ ଲକ୍ଷ ରୁ ୫୦ ଲକ୍ଷ ଯାଏ ବିକ୍ରୀ ହୁଏ । ବର୍ତ୍ତମାନ ଓସାକା, ଟୋକିଓ, କୋକୁରା ଓ ନାଗୋୟାରେ ଏହାର ୪ ଟି କାର୍ଯ୍ୟାଳୟ ଅଛି । ୪ ଟି ସାୟଂ-ସଂସ୍କରଣ, ୧୨ଟି ପ୍ରାତଃ-ସଂସ୍କରଣ ଓ ୧୧୨ ଟି ସ୍ଥାନୀୟ ସଂସ୍କରଣ ପ୍ରକାଶିତ ହୁଏ ।

ଏହାର କାର୍ଯ୍ୟାଳୟଗୁଡ଼ିକରେ ୭୫୦୦ କର୍ମଚାରୀ କାର୍ଯ୍ୟ କରନ୍ତି ଓ ନିୟମାନୁସାରେ ସମସ୍ତେ ଉକ୍ତ ଅନୁଷ୍ଠାନର ଅଂଶୀଦାର (ସେୟାର୍ ହୋଲ୍ଡାର) ଅଟନ୍ତି । ଅସାହୀ ର ୭୫୦୦ କର୍ମଚାରୀଙ୍କ ମଧ୍ୟରୁ ୧୯୩୬ ଜଣ ସମ୍ପାଦକୀୟରେ ଥାଆନ୍ତି । ଏହି ସଂଖ୍ୟା, ପାଶ୍ଚାତ୍ୟ ଦେଶର ପତ୍ରିକା ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସଂଖ୍ୟାଠାରୁ କମ୍ ନୁହେଁ । "ନ୍ୟୁୟର୍କ-ଟାଇମ୍ସ"ରେ ପ୍ରାୟ ୪୪୫୦ ଜଣ କାର୍ଯ୍ୟ କରନ୍ତି ଏବଂ ୭୩୫ ଜଣ ସମ୍ପାଦକୀୟ ବିଭାଗରେ ଥାଆନ୍ତି ।

ଅସାହୀର କାର୍ଯ୍ୟାଳୟରେ କର୍ମଚାରୀମାନଙ୍କର ଶୟନ-କକ୍ଷ ଅଛି, ଯେଉଁଠି ୩୩୦ ବ୍ୟକ୍ତି ଶୋଇ ପାରିବେ । ଯେଉଁ ସ୍ଥାନମାନଙ୍କରେ ଏହାର କାର୍ଯ୍ୟାଳୟ ଅଛି ସେଠାରେ ପ୍ରାୟ ଛୋଟ ଛୋଟ, ସ୍ୱତନ୍ତ୍ର ଓ ଆତ୍ମନିର୍ଭରଶୀଳ ସହର ଅଛି । କର୍ମଚାରୀମାନଙ୍କୁ ବଜାରଦରଠାରୁ ଶସ୍ତାମୂଲ୍ୟରେ ସମସ୍ତ ପ୍ରକାର ଆବଶ୍ୟକୀୟ ପଦାର୍ଥ ଯୋଗାଇ ଦିଆଯାଏ । ପ୍ରତିବର୍ଷ ଅସାହୀ-ଅନୁଷ୍ଠାନ ତରଫରୁ କଳା, ସାହିତ୍ୟ, ବିଜ୍ଞାନ, ଖେଳ-କସରତ ପ୍ରଭୃତି କ୍ଷେତ୍ରଗୁଡ଼ିକରେ ଅସାଧାରଣ ପ୍ରତିଭା ଦର୍ଶାଇଥିବା ଜାପାନୀମାନଙ୍କୁ ପୁରସ୍କାର ବିତରଣ କରାଯାଏ । ଏହା ବ୍ୟତୀତ ପ୍ରତିବର୍ଷ ବିଦେଶୀ ବୈଜ୍ଞାନିକ, ସାହିତ୍ୟିକ, କଳାକାର ଓ ଖେଳୁଆଡ଼ମାନଙ୍କୁ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶର ପରିଚୟ ଦେଇଥାଏ । ବିଶ୍ୱ-ବିଖ୍ୟାତ ବେହେଲା-ବାଦକ ମେନ୍ୟୁହିନ, ଅର୍ଣ୍ଣୋଲଡ୍ ଟୟନବୀ, ନୃତ୍ୟ ବିଶାରଦ ଉଦୟଶଙ୍କର ପ୍ରଭୃତି ଗତବର୍ଷ "ଅସାହୀ"ର କାର୍ଯ୍ୟାଳୟରେ ଅତିଥି ଥିଲେ ।

ଜାପାନୀମାନଙ୍କ ମଧ୍ୟରେ ବିମାନ-ଚାଳନା ନିମନ୍ତେ ଉତ୍ସାହ ଦେବାକୁ ଗତ ୧୯୧୧ରେ ଆମେରିକାରୁ ଚାଳକ ଆଣି ଟୋକିଓରୁ ଓସାକା ତଥା ଟୋକିଓରୁ ସଂଦାଇ ପର୍ଯ୍ୟନ୍ତ ଦୁଇଟି ଏୟାର୍ ଲାଇନ୍ ଅସାହୀ-ଅନୁଷ୍ଠାନ ଦ୍ୱାରା ଖୋଲା ହେଲା । ତା' ପରେ ପରେ ଜାପାନୀମାନେ ବିମାନଚାଳନାରେ ଏପରି ଆଗେଇଲେ ଯେ ୧୯୩୭ରେ ଷଷ୍ଠ ଜର୍ଜଙ୍କ ରାଜ୍ୟାଭିଷେକ ସମୟରେ ଟୋକିଓରୁ ଲଣ୍ଡନ ପର୍ଯ୍ୟନ୍ତ ଅବିରାମ ଭାବରେ ବିମାନ-ଚାଳନା ପାଇଁ ଅସାହୀର ବିମାନ ଏକ ବିଶ୍ୱ-ରେକର୍ଡ ରଖି ପାରିଲା ।

ଅସାହୀର ଟୋକିଓ-କାର୍ଯ୍ୟାଳୟ ସାତମହଲା ବିଶିଷ୍ଟ ଏକ ବିରାଟ ପ୍ରାସାଦ । ଉକ୍ତ କାର୍ଯ୍ୟାଳୟରେ

Digitized by srujanika@gmail.com

କମ୍ପୋଜଙ୍କ ନିମନ୍ତେ ୩୫ଟି ମନୋଟାଇପ୍ ଓ ପୃଥିବୀର ଶ୍ରେଷ୍ଠ ଛପା ଯନ୍ତ୍ରପାତି ରହିଛି ।

"ଏସୋସିଏଟେଡ୍ ପ୍ରେସ୍ ଅଫ୍ ଆମେରିକା", "ଲଣ୍ଡନ ଟାଇମ୍ସ", "ନ୍ୟୁୟର୍କ ଟାଇମ୍ସ", "ପାନ୍ ଏସିୟାନ ନ୍ୟୁଜ ପେପାର୍ସ ଏଲାଏନ୍ସ" ଆଦି କେତେକ ବିଦେଶୀ ପତ୍ରିକା ଓ ସମାଚାର-ସମିତି ନିଜ ସୁବିଧା ନିମନ୍ତେ ଉକ୍ତ ଅସାହି-ଭବନରେ କାର୍ଯ୍ୟାଳୟ ଖୋଲିଛନ୍ତି । ଉକ୍ତ କାର୍ଯ୍ୟାଳୟରୁ କେବଳ ଅସାହିର ପ୍ରାୟ ୨୦ଟି ସାପ୍ତାହିକ, ମାସିକ, ତ୍ରୈମାସିକ ଓ ବାର୍ଷିକ ପତ୍ର ପ୍ରକାଶିତ ହୁଏ । ଦର୍ଶନ, ଅର୍ଥଶାସ୍ତ୍ରଠାରୁ ଆରମ୍ଭ କରି ଖେଳକୌତୁକ, କେମେରା, ଜ୍ୟୋତିଷ ବିଦ୍ୟା, ପ୍ରଭୃତି ଅସାହିରେ ପ୍ରକାଶିତ ହୁଏ । ଏହି ପତ୍ରିକା ଆଠପୃଷ୍ଠା ବିଶିଷ୍ଟ କିନ୍ତୁ ଏହାର ସମ୍ପାଦକୀୟ ସ୍ତମ୍ଭ ଏତେ ମହତ୍ତ୍ୱପୂର୍ଣ୍ଣ ଯେ ଏହା ବିଶ୍ୱର ଶ୍ରେଷ୍ଠ ପତ୍ରିକା ମଧ୍ୟରେ ଗୋଟିଏ ବୋଲି ପରିଗଣିତ ହୁଏ । ମୂଲ୍ୟ ମଧ୍ୟ ଶସ୍ତା । ପ୍ରାତଃ-ସଂସ୍କରଣ ମାସକୁ ପ୍ରାୟ ଟ ୩ । ଓ ପ୍ରାତଃ ଓ ସାୟଂ ସଂସ୍କରଣ ଦୁଇଟି ମିଶି ମାସକୁ ମାତ୍ର ଟ୩୍ୟ । ଅସାହି ଆଜି ପର୍ଯ୍ୟନ୍ତ ନିଜର ସ୍ୱାତନ୍ତ୍ର୍ୟ ଓ ମୁକ୍ତ-ଅଭିବ୍ୟକ୍ତି ବଜାଏ ରଖିଛି । ସାମାଜିକ ଅନ୍ୟାୟ, ଶାସନଗତ ତ୍ରୁଟି ବିରୁଦ୍ଧରେ ସେ ସର୍ବଦା ଲେଖି ଆସିଛି । ଯେତେବେଳେ ଜାପାନର ଶାସକ ସମଗ୍ର ଏସିଆ ବିଜୟ ନିମନ୍ତେ ସ୍ୱପ୍ନ ଦେଖି ସୈନ୍ୟ ସଙ୍ଗଠନ କରୁଥିଲେ, ଅସାହି ଏହାର ତୀବ୍ର ନିନ୍ଦା କରୁଥିଲା ଓ ସାମନ୍ତବାଦୀଙ୍କ ଦ୍ୱାରା ଶାସିତ ଜାପାନ ଭଳି ଦେଶରେ ନିରସ୍ତ୍ରୀକରଣର ସମ୍ପୂର୍ଣ୍ଣ ସମର୍ଥନ କରୁଥିଲା । ୧୯୦୫ରେ "ପୋର୍ଟସମଥ-ସନ୍ଧି" ବିଷୟରେ ଟୋକିଓରେ ସରକାରଙ୍କ ବିରୁଦ୍ଧରେ ଏକ ବିରାଟ ପ୍ରଦର୍ଶନ ହେଲା । ସରକାରଙ୍କର ଅମାନୁଷିକ ଦମନଲୀଳା ଆରମ୍ଭ ହେଲା । ଅସାହି ଏହି ଦମନନୀତିକୁ ନିନ୍ଦା କରିବାରୁ ସରକାରୀ ଆଦେଶରେ ୧୫ ଦିନ ପର୍ଯ୍ୟନ୍ତ ଏହାର ପ୍ରକାଶନ ବନ୍ଦ ଥିଲା ।

୧୯୨୦ ରେ ବ୍ୟାପକ ମତାଧିକାର ଓ ନିରସ୍ତ୍ରୀକରଣ ନିମନ୍ତେ ଅସାହି ଦୁଇଟି ଆନ୍ଦୋଳନ କଲା । ପ୍ରଥମ ଆନ୍ଦୋଳନ ପାଇଁ ୧୯୨୫ରେ ସଫଳତା ମିଳିଲା ଏବଂ ଜାପାନୀ ସଂସଦ ମତାଧିକାର ସମ୍ବନ୍ଧରେ ପ୍ରସ୍ତାବିତ ସମସ୍ତ ସିଦ୍ଧାନ୍ତକୁ ସ୍ୱୀକାର କଲେ । କିନ୍ତୁ ନିରସ୍ତ୍ରୀକରଣର ଅଭିଯାନ ନିମନ୍ତେ ଅସାହିକୁ ପୂର୍ଣ୍ଣ ସଫଳତା ମିଳି ନ ଥିଲା । ଯଦି ଜାପାନ ସରକାର ଅସାହିର ଦୂରଦର୍ଶୀ ଅଭିଯାନର ମହତ୍ତ୍ୱ ବୁଝି ୨ୟ ମହାଯୁଦ୍ଧରେ ଯୋଗ ଦେଇ ନ ଥାଆନ୍ତେ ତେବେ ଜାପାନକୁ ଏତେ ପରାଭବ ଓ ପରାଜୟର ଦୁର୍ଦ୍ଦିନ ଦେଖିବାକୁ ପଡ଼ି ନ ଥାନ୍ତା ।

ଦ୍ୱିତୀୟ ମହାଯୁଦ୍ଧ ପରେ ଅସାହିର ଯୁଦ୍ଧୋତ୍ତର ନୀତି ହେଲା ବିଶ୍ୱଶାନ୍ତି ପାଇଁ ସମ୍ପୂର୍ଣ୍ଣ ଯୋଗଦାନ, ବାଣୀର ସ୍ୱତନ୍ତ୍ରତା ରକ୍ଷା, ସାଧାରଣ ନାଗରିକଙ୍କର ସର୍ବବିଧ କଲ୍ୟାଣ ସାଧନ ଓ ଭ୍ରଷ୍ଟାଚାର, ଅନ୍ୟାୟ, ହିଂସାତ୍ମକ ପ୍ରବୃତ୍ତିର ବିରୋଧ ।

ଏହିପରି ଭାବରେ "ଅସାହି" କେବଳ ଜାପାନର କାହିଁକି, ସମଗ୍ର ପୂର୍ବ ଏସିଆର ଏକ ସର୍ବଶ୍ରେଷ୍ଠ ସମାଚାର ପତ୍ର ଓ ଭାବୀ ଆଶାର ଧ୍ରୁବତାରା ।



Digitized by srujanika@gmail.com

ପରିଚୟ

ଜେନେରାଲ ଶ୍ରୀନଗେଶ

ର: ନା: ଦା:

ଗତ ମେ ମାସ ତା ୧୫ ରିଖ ଦିନ ଲେଫଟ୍‌ନାଣ୍ଟ ଜେନେରାଲ ସତ୍ୟବନ୍ତ ମାଲ୍ଲନା ଶ୍ରୀନଗେଶ ଭାରତୀୟ ସେନାବାହିନୀର ଭୂତୀୟ ଭାରତୀୟ ସେନାପତି ମଣ୍ଡଳୀର ଅଧ୍ୟକ୍ଷ ପଦ ଗ୍ରହଣ କରିଛନ୍ତି ।

୧୯୦୩ ମସିହାରେ ହାଇଦ୍ରାବାଦର କୋଲାର-ପୁରଠାରେ ତାଙ୍କ ମାମୁଁ ଘରେ ଶ୍ରୀ ନଗେଶ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଡାଃ ଏସ୍. ମାଲ୍ଲନା ହାଇଦ୍ରାବାଦର ଜଣେ ଖ୍ୟାତନାମା ଡାକ୍ତର ଥିଲେ । ସେ ତାଙ୍କର ପିତାଙ୍କର ଜ୍ୟେଷ୍ଠ ପୁତ୍ର । ତାଙ୍କର ଆଉ ଦୁଇଭାଇ ଓ ଚାରି ଭଉଣୀ ଅଛନ୍ତି ।

ଅତି ଧନୀ ପରିବାରରେ ଜନ୍ମଗ୍ରହଣ ଫଳରେ ଶ୍ରୀନଗେଶଙ୍କ ମନ ବିଳାସିତା ଆଡ଼କୁ ଆକର୍ଷିତ ହେବାର ଲକ୍ଷ୍ୟ କରି ତାଙ୍କର ପିତା ଡାଃ ମାଲ୍ଲନ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ ପଠାଇ ଦେଇଥିଲେ । ୧୯୧୪ ସାଲରେ ସେ ଇଂଲଣ୍ଡର ନର୍ଥଡେଭେନ୍‌ର ଓ୍ୱେଷ୍ଟ ବକ୍‌ଲାଣ୍ଡ ସ୍କୁଲରେ ନାମ ଲେଖାଇଲେ । ସେତେବେଳେ ସେ ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ରେଭରେଣ୍ଡ ହରିସ୍ । ରେଭରେଣ୍ଡ ହରିସ୍ ଅତ୍ୟନ୍ତ ସାଧାସିଧା ପ୍ରକୃତିର ଲୋକ ଥିଲେ ଓ ସେ ଶ୍ରୀନଗେଶଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ରେଭରେଣ୍ଡ ହରିସ୍‌ଙ୍କର ସଂସ୍ପର୍ଶରେ ଆସି ଶ୍ରୀନଗେଶଙ୍କର ଜୀବନ ଧାରଣ ପ୍ରଣାଳୀ ସମ୍ପୂର୍ଣ୍ଣ ବଦଳିଗଲା ଓ ସେହିଠାରେହିଁ ତାଙ୍କ ଜୀବନରେ ସାଧୁତା, ମାନବିକତା, ସ୍ପଷ୍ଟବାଦିତା ଓ ଦୃଢ଼ତାର ବିକାଶ ହେଲା ।

ଶ୍ରୀ ନଗେଶ ଛାତ୍ରଜୀବନରେ ବକ୍‌ସିଂ ଖେଳରେ ଅତ୍ୟନ୍ତ ପାରଦର୍ଶୀ ଥିବାରୁ ତତ୍‌କାଳୀନ ବିଖ୍ୟାତ ମୁଷ୍ଟିଯୋଦ୍ଧା ଜାକ୍ ଜନସନଙ୍କ ନାମର ଅନୁକରଣରେ ତାଙ୍କର ସହପାଠୀମାନେ ତାଙ୍କୁ 'ଜନ' ବୋଲି ଡାକୁଥିଲେ ।

୧୯୨୧ ମସିହାରେ ସେ କେମ୍ବ୍ରିଜରୁ ଏଣ୍ଟ୍ରାନ୍‌ସ ପାଶ୍ କରି ତତ୍‌କାଳୀନ ବ୍ରିଟିଶ ଜେନେରାଲଙ୍କ ସହିତ ସାକ୍ଷାତ୍ କରି ସୈନ୍ୟ ବିଭାଗରେ ଗୋଟାଏ ଚାକିରି ପାଇଲେ । ୧୯୨୩ ମସିହାରେ ସେ ବର୍ଷର ଶ୍ରେଷ୍ଠ ସୈନିକ ଭାବରେ ସେ "କ୍ୱେଟା କପ୍" ପାଇଥିଲେ । ପ୍ରଥମେ ସେ ନର୍ଥ ଷ୍ଟାଫୋର୍ଡ଼ ସାୟରରେ ଜଣେ ସାଧାରଣ ସୈନିକ ଭାବରେ ଯୋଗ ଦେଇଥିଲେ । ତା ପରେ ୧୯୩୩ ରେ ସେ ମାଦ୍ରାଜ ପାଇଓନିଅର ଫୋର୍ସର ଦାୟିତ୍ୱ ନେଲେ ଏବଂ ପରେ ସେ ହାଇଦ୍ରାବାଦ ରେଜିମେଣ୍ଟ ଦାୟିତ୍ୱରେ ଥିଲେ । ୧୯୩୯ ମସିହାରେ ସେ ଭାରତର ମିଲିଟାରି ଏକା-ଡେମିରେ ଜଣେ ଇନ୍‌ଷ୍ଟ୍ରକ୍ଟର ନିଯୁକ୍ତ ହୋଇଥିଲେ । ୧୯୪୨ ସାଲରେ ସେ ହାଇଦ୍ରାବାଦ ରେଜିମେଣ୍ଟ ଦାୟିତ୍ୱରେ ଥିଲେ । ପରେ ସେ ଲୁସାଇ ବ୍ରିଗେଡ଼ ସହିତ ଆସାମ ଓ ବର୍ମାରେ ମଧ୍ୟ ଯୁଦ୍ଧ କରିଥିଲେ । ଏହା ପରେ ସେ କିଛିଦିନ ପାଇଁ ଅସ୍ଥାୟୀ ଭାବରେ ବ୍ରିଗେଡ଼ କମାଣ୍ଡର ହୋଇଥିଲେ । ୧୯୪୫ ମସିହାରେ ଭାରତର ମିଲିଟାରି ପ୍ରତିନିଧି ଦଳର ଉପନେତା ଭାବରେ ସେ ଜର୍ମାନୀ ଯାଇଥିଲେ । ସେଠାରୁ ଫେରି କୁମାଓନ ରେଜିମେଣ୍ଟ କେନ୍ଦ୍ରର ଦାୟିତ୍ୱ ନେବା ପାଇଁ ସେ ଜାପାନ ଯାଇଥିଲେ । ଜାପାନରୁ ଫେରି ସେ ମେଜର ଜେନେରାଲ ହେଲେ ଏବଂ ପରେ ସେ ମାଦ୍ରାଜର ଜି: ଓ: ସି ହେଲେ । ୧୯୪୮ ମସିହାରେ ସେ ଭାରତୀୟ ସୈନ୍ୟ ବିଭାଗର ଆଡ଼ଜୁଟାଣ୍ଟ ଜେନେରାଲ ହେଲେ ଏବଂ ଏହି ବର୍ଷ ସେ ଲେଫଟ୍‌ନେଣ୍ଟ ଜେନେରାଲ ହୋଇ ଜାମୁ ଓ କାଶ୍ମୀର ଲଢ଼େଇରେ ସେନାପତିତ୍ୱ କରିବାର ଦାୟିତ୍ୱ ନେଇଥିଲେ । କାଶ୍ମୀରର ଦୁଇଟିଯାକ ଲଢ଼େଇରେ ସେ ଅତି କୌଶଳସହକାରେ ୧୮ହଜାର ଫୁଟ ଉପରେ ଭାରତୀୟ ସୈନ୍ୟ ବାହିନୀକୁ ଶୃଙ୍ଖଳାର ସହିତ ପରିଚାଳିତ କରି ବିଜୟୀ ହୋଇଥିଲେ ।

୧୯୪୯ ମସିହାରେ ସେ ପଶ୍ଚିମାଞ୍ଚଳ କମାଣ୍ଡର ଜି.ଓ.ସି ନିଯୁକ୍ତ ହେଲେ ଏବଂ ଉକ୍ତ ଦାୟିତ୍ୱରେ ୧୯୫୩

Digitized by srujanika@gmail.com

ପର୍ଯ୍ୟନ୍ତ ରହିଥିଲେ । ତତ୍ପରେ ସେ ଜେନେରାଲ ଅଫିସର କମେଣ୍ଡିଂ ଚିଫ୍ ହିସାବରେ ସଦର୍ଣ୍ଣ କମାଣ୍ଡର ଦାୟିତ୍ୱ ନେଲେ ଏବଂ ଉକ୍ତ କାର୍ଯ୍ୟରୁ ସେ ଭାରତୀୟ ସେନାପତି ମଣ୍ଡଳୀଙ୍କ ଅଧ୍ୟକ୍ଷରୂପେ ନିଯୁକ୍ତ ହେଲେ ।

ଶ୍ରୀନଗେଶ ୧୯୨୯ ମସିହାରେ କର୍ଣ୍ଣେଲ କୋଚରଙ୍କ ଜ୍ୟେଷ୍ଠାକନ୍ୟା ରାଜକୁମାରୀଙ୍କୁ ବିବାହ କରିଥିଲେ ଓ ବର୍ତ୍ତମାନ ତାଙ୍କର ଦୁଇ ଝିଅ ଓ ତିନି ପୁଅ ଅଛନ୍ତି ।

ଜେନେରାଲ ଶ୍ରୀ ନଗେଶଙ୍କ ଦୃଷ୍ଟି ଅତି ତୀକ୍ଷ୍ଣ ଏବଂ ସେ ଅତ୍ୟନ୍ତ ନୀରବ ଓ ଶାନ୍ତ ପ୍ରକୃତିର ଲୋକ । ସେ ଆରମ୍ଭରୁ ସୈନ୍ୟ ବିଭାଗରେ ଥିଲେ ମଧ୍ୟ ତାଙ୍କର ସାହିତ୍ୟ ପ୍ରତି ପ୍ରଗାଢ଼ ଆସକ୍ତି ଅଛି । ସେ ଜଣେ ସୁନ୍ଦର ଗଦ୍ୟ ଲେଖକ । ଅବସର ସମୟରେ ସେ ବିଭିନ୍ନ ପତ୍ର ପତ୍ରିକା ପଢ଼ିବାକୁ ସୁଖ ପାଆନ୍ତି । ଶୃଙ୍ଖଳା ପ୍ରତି ସେ ସଦାବେଳେ ସଜାଗ, ଏବଂ ଏଇଥି ପାଇଁ ସେ ଆଜି ଏତେ ଉନ୍ନତି କରି ପାରିଛନ୍ତି ।

ଡାକ ଟିକଟ ସଂଗ୍ରହ

ଡାକ ବିଭାଗରେ ବିରାଡ଼ିର ଉପକାରିତା

ଶ୍ରୀ ରଘୁନାଥ ପାଢ଼ିଶର୍ମା

ପୂର୍ବକାଳରେ ପୁରାଣମାନଙ୍କରେ ଅମ୍ଭେ ଶୁଣି ଆସିଛୁ ପାରାଦ୍ୱାରା ଚିଠି ପତ୍ର ଆଦାନ ପ୍ରଦାନ ଚଳୁଥିଲା । ବର୍ତ୍ତମାନ ବି କେତେକ ଦେଶରେ ରାସ୍ତାଘାଟ ଅସୁବିଧା ଥିବା ପ୍ରାନ୍ତରକୁ ପାରାଦ୍ୱାରା ଡାକ ପଠାଯାଏ । ଭାରତରେ ପ୍ରାଚୀନ କାଳରୁ ପାରାଦ୍ୱାରା ଚିଠିପତ୍ର ପ୍ରେରିତ ହେଉଥିଲା । ପାରାକୁ ଶାନ୍ତିର ନିଦର୍ଶନ ସ୍ୱରୂପ ଆଜି ବି ଡାକ ବିଭାଗରେ ଗ୍ରହଣ କରାଯାଉଛି । ପ୍ରଥମ ପୃଥିବୀ ଯୁଦ୍ଧ ସମୟରେ ପାରାମାନେ ଅନେକ ସାହାଯ୍ୟ କରିଥିଲେ । ଏହାଛଡ଼ା ଘୋଡ଼ା କୁକୁର ଇତ୍ୟାଦି ମଧ୍ୟ ଡାକ ଯୋଗାଣ କରିବାରେ ବ୍ୟବହୃତ ହୋଇଥିଲେ । କିନ୍ତୁ ଶୁଣି ଆଶ୍ଚର୍ଯ୍ୟ ହେବ ଯେ ବିରାଡ଼ି ମଧ୍ୟ ଡାକ ନିଆଆଣରେ ଖୁବ୍ ଉପକାର କରିଥିଲା । ଯୁଦ୍ଧପୂର୍ବରୁ ବର୍ଲିନ ସହର ନିକଟରେ ଗୋଟିଏ 'ବିରାଡ଼ି-ପୋଷ୍ଟ' ଯୋଗାଣ କେନ୍ଦ୍ର ଖୋଲାଯାଇ କେତେକ ବିରାଡ଼ିଙ୍କୁ ତାଲିମ କରାଯାଇ ନିକଟସ୍ଥ ତିନି ଚାରିମାଇଲ ଦୂରରେ ଥିବା ଅନ୍ୟ ଡାକଘରକୁ ଦୈନିକ ଚିଠିପତ୍ର ପଠାଯାଉଥିଲା ।

୧୯୪୨ ଶୀତ ଦିନରେ ଷ୍ଟାଲିନଗ୍ରେଡ଼ରେ ଯୁଦ୍ଧ ଚାଲିଥାଏ । ସେ ସମୟରେ ସିପାହୀମାନେ ତାଙ୍କର କମ୍ରେଡ଼ଙ୍କଠାରୁ ଶତ୍ରୁ ସୈନ୍ୟ ସମ୍ବନ୍ଧୀୟ ଖବର ପଠାଇବା ପାଇଁ ଚେଷ୍ଟା କଲେ, କିନ୍ତୁ ଖବର ଧରି କିଏ ଯିବ ? ଗଲେ ନିଶ୍ଚୟ ଧରାପଡ଼ି ହାଣ ଖାଇବ । ତେଣୁ ସେମାନେ ପ୍ରଧାନ ଖବରଗୁଡ଼ିକ କାଗଜରେ ଲେଖି 'ମୋଉର୍କା' ନାମକ ବିରାଡ଼ି ବେକରେ ବାନ୍ଧି ପଠାଇଲେ । ଏହି କାମ ପାଇଁ ମୋଉର୍କାଙ୍କୁ ସମସ୍ତେ ପ୍ରଶଂସା କରିଥିଲେ । ସେଠାରେ 'ଦି ଟାଇମସ୍' ପତ୍ରିକା ବିରାଡ଼ିକୁ ପ୍ରଶଂସା କରି ଲେଖିଥିଲେ —"Mourka has shown himself worthy of Stalingrade, and whether for cat or man there can be no higher praise". ବିରାଡ଼ି ଛୋଟ ଜୀବ ହେଲେ ବି ତାଲିମ କରି ଜାଣିଲେ ଛୋଟ ଜୀବମାନେହିଁ ଅନେକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥାନ୍ତି ।

ବୈଦେଶିକ ଫିଲାଟେଲିକ ଖବର

ଇଂଲଣ୍ଡର ନରଉଇଚ୍‌ଠାରେ ମେ ୧୬ ଠାରୁ ୨୦ ପର୍ଯ୍ୟନ୍ତ ଫିଲାଟେଲିକ କଂଗ୍ରେସର ୩୭ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଂଲଣ୍ଡର ସମସ୍ତ ଫିଲାଟେଲିକ ସଂଘ ଯୋଗ ଦେଉଛନ୍ତି । ନରଉଇଚ୍ ସହର ଚନଥାର୍ଲ ଉକ୍ତ ଦିନ ଏକ ବିଶେଷ ଲଫାପା ସେଠାରେ ବିକ୍ରି ହେବ । ଏବଂ ଡାକ ବିଭାଗ ଉକ୍ତଦିନ ସେଠାରେ ବିଶେଷ ଡାକ ଚିହ୍ନ (Post mark) ଉକ୍ତ ଲଫାଫାଗୁଡ଼ିକରେ ବ୍ୟବହାର କରିବେ ।

× × ×

ସ୍ୱିଡ଼େନ ତାର ଡାକଟିକଟ ଶତାବ୍ଦୀ ଉତ୍ସବ ଆସନ୍ତା ଜୁଲାଇ ମାସରେ ଅନୁଷ୍ଠିତ କରିବେ । ସେଥିପାଇଁ ପ୍ରତ୍ୟେକ ସ୍ମୃତିଟିକଟ ପ୍ରକାଶ ପାଇବ । ଉକ୍ତ ଟିକଟଗୁଡ଼ିକ ସେଠା ସର୍ବପ୍ରଥମ ଟିକଟର ଠିକ ଅନୁକରଣରେ ମୁଦ୍ରିତ ହେବ । ଟିକଟଗୁଡ଼ିକର ସଂଖ୍ୟା ସର୍ବମୋଟ ନଅ । ଏହାଛଡ଼ା ଷ୍ଟକ୍‌ହୋମ ସହରରେ ଏକମାସ ପର୍ଯ୍ୟନ୍ତ ଏକ ଆନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀ ବସିବ ।

Digitized by srujanika@gmail.com

କୃଷି ଟିପ୍ପଣୀ

୧ । କଟକ ଧାନ୍ୟ-ଗବେଷଣା କେନ୍ଦ୍ରରେ ପରୀକ୍ଷା କରି ଦେଖାଯାଇଛି ଯେ ଧାନଫସଲରେ ନାଇଟ୍ରୋଜେନ ପ୍ରୟୋଗ କଲେ ଶତକଡ଼ା ୧୦ରୁ ୧୦୦ ପର୍ଯ୍ୟନ୍ତ ଅଧିକ ଉତ୍ପାଦନ ବଢ଼ିଯାଏ । ଧାନପାଇଁ ଆମୋନିୟମ ସଲ୍‌ଫେଟ ଉତ୍କୃଷ୍ଟ ସାର । ଏଥିରେ ଶତକଡ଼ା ୨୦ଭାଗ ନାଇଟ୍ରୋଜେନ ଅଛି ଏବଂ ଏହା ସଙ୍ଗେ ସଙ୍ଗେ ଉଦ୍ଭିଦ ଦେହକୁ ଚାଲିଯାଏ ।

ଆଉ ମଧ୍ୟ ଦେଖାଯାଇଛି ଯେ ମଧ୍ୟମପ୍ରକାର ଉର୍ବର ମୃତ୍ତିକାପାଇଁ ୧୦୦ରୁ ୨୦୦ ପାଉଣ୍ଡ ପର୍ଯ୍ୟନ୍ତ ଆମୋନିଅମ୍ ସଲ୍‌ଫେଟ ଉତ୍କୃଷ୍ଟ । ତହିଁରୁ ଅଧିକ ସାର ଦେବା ଲାଭଜନକ ନୁହେଁ ।

୨ । ଦୁହାଁଳ ଗାଈ ଓ ମଇଁଷିମାନଙ୍କ ଖାଦ୍ୟରେ ସାର୍କ ଲିଭର ଅୟେଲ (ସାର୍କ ମାଛର ତେଲ) ମିଶାଇ ଖାଇବାକୁ ଦେଲେ, ତାଙ୍କ ଦୁଧରୁ ପ୍ରଚୁର ଭିଟାମିନ୍ 'ଏ' ମିଳେ । କଞ୍ଚା ଘାସପତ୍ର ଖାଇଲେ ମଧ୍ୟ ଏହି ଉଦ୍ଦେଶ୍ୟ ସାଧିତ ହୁଏ । ମାତ୍ର ଯେଉଁଠାରେ କଞ୍ଚା ଘାସ୍‌ପତ୍ର ମିଳେ ନାହିଁ ବା ଯେଉଁ ଋତୁରେ ଗଛରୁ ପତ୍ର ଶୁଖିଯାଏ, ସେଠାରେ ଉପରୋକ୍ତ ମାଛତେଲ ଦିଆଯିବା ଉଚିତ । ଶୁଖିଲା ଖାଦ୍ୟ ଖାଉଥିବା ଗାଈ ଓ ମଇଁଷିମାନଙ୍କୁ ଦୈନିକ ୧୦ଗ୍ରାମ୍ ଲେଖାଏଁ ମାଛ ତେଲ ଦେଲେ ଯଥେଷ୍ଟ ହୁଏ । ସେମାନଙ୍କ ଦୁଧରୁ ଆଇଁଷ ଗନ୍ଧ ବାହାରେ ନାହିଁ ।

୩ । ମେ ୨୨ ଓ ୨୩ ତାରିଖରେ ବମ୍ବେଠାରେ ଗୋଟିଏ ନିଖିଳ ଭାରତୀୟ ଆମ୍ବ-ପ୍ରଦର୍ଶନୀ ହୋଇ ଥିଲା । ଆସନ୍ତା ଜୁଲାଇ ୯ ଓ ୧୩ ତାରିଖରେ ନଉଦିଲ୍ଲୀଠାରେ ସେହିପରି ଏକ ପ୍ରଦର୍ଶନୀ ହେବ । ଉତ୍ତର ଭାରତର ବିଭିନ୍ନ ଜାତିର ଆମ୍ବଗୁଡ଼ିକ ଏଥିରେ ପ୍ରଦର୍ଶିତ ହେବ ।

୪ । ଆଖୁ କଟା ସରିଗଲେ ଆଖୁର ଓଜନ କମିବାକୁ ଲାଗେ, କାରଣ ଆଖୁରସ ଶୀଘ୍ର ଶୁଖିଯାଏ । ତେଣୁ ଉତ୍ପନ୍ନ ଗୁଡ଼ ମଧ୍ୟ କମ୍ ହୁଏ । ସୁତରାଂ ଠିକ୍ ପରିମାଣ ଗୁଡ଼ ପାଇବାକୁ ହେଲେ, ଆଖୁଗଛ ଗୁଡ଼ିକୁ ଖୁବ୍ ମୂଳେଇ କରି କାଟିବା ଉଚିତ ଏବଂ କାଟିବା ପରେ ପରେ (ଅନ୍ତତଃ ୨୪ଘଣ୍ଟା ଭିତରେ) ଆଖୁ ପେଡ଼ିବାକୁ ପଠାଇଦେବା ଉଚିତ ।

୫ । ସରକାରୀ ଗବେଷଣାଗାରରେ ପରୀକ୍ଷା କରି ଦେଖାଯାଇଛି ଯେ ଅଣ୍ଡାକୁ ଗରମ କରି ନେଲେ ତାହା ଚଞ୍ଚଳ ନଷ୍ଟ ହୁଏ ନାହିଁ । ୧୩୦ ଡିଗ୍ରୀ (ଫା) ଉତ୍ତାପ ଥିବା ଗରମ ଜଳରେ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ଅଣ୍ଡାଗୁଡ଼ିକୁ ରଖିଦେଲେ ସେଗୁଡ଼ିକ ଖରାଦିନେ ଶୀଘ୍ର ପଚି ଯାଏନାହିଁ । ଏଗୁଡ଼ିକ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ଟଟକା ଅଣ୍ଡାପରି ରହେ ଓ ସେହିପରି ସ୍ୱାଦ-ଯୁକ୍ତ ଥାଏ ।

୬ । ଶାକ ସବଜି ଓ ପନିପରିବା ଗଛ ମୂଳରେ ନାଇଟ୍ରୋଜେନ ମିଶ୍ରିତ ସାର ଦେଲେ ଭଲ ଫଳ ହୁଏ । ଥରେ ଦିଥର ସାର ଦେଲେ ଯଥେଷ୍ଟ । ଚେର ନିକଟରେ ଦିଆଯିବ, ଅଥଚ ପତ୍ର ଦେହରେ ବାଜିବ ନାହିଁ । ଏକ ବର୍ଗଗଜ ସ୍ଥାନ ପାଇଁ ମୁଠାଏ ସାର ଯଥେଷ୍ଟ । ସାରକୁ ଉତ୍ତମରୂପେ ମାଟିରେ ମିଶାଇ ଦେବ ଏବଂ ସଙ୍ଗେ ସଙ୍ଗେ ଗଛମୂଳରେ ପାଣି ଦେବ ।

ଗଛ ଗୁଡ଼ିକ ଉତ୍ତମ ରୂପେ ଚେର ଧରି ଯେତେବେଳେ ଚଞ୍ଚଳ ବଢ଼ିବାରେ ଲାଗିବ, ସେତିକି-ବେଳେ ପ୍ରଥମ ଥର ସାର ପ୍ରୟୋଗ କରିବ । ଦ୍ୱିତୀୟ ଥର ଦିଆଯିବ ଫୁଲ ଧରିବା ପୂର୍ବରୁ, କାରଣ ଏହି ସମୟମାନଙ୍କରେ ଗଛର ଅଧିକ ଖାଦ୍ୟ ଆବଶ୍ୟକ ହୋଇଥାଏ ।

୭ । ଭାରତର ସାବୁନ-ଶିଳ୍ପରେ ବାର୍ଷିକ ପ୍ରାୟ ୧ ଲକ୍ଷ ଟନ୍ ନଡ଼ିଆତେଲ ବ୍ୟବହୃତ ହୁଏ । ଯୁଦ୍ଧ ପୂର୍ବରୁ ମାତ୍ର ୩୦ ହଜାର ଟନ୍ ଖର୍ଚ୍ଚ ହେଉଥିଲା ।

Digitized by srujanika@gmail.com

ବାୟୁରେ ବାର୍ତ୍ତା

ଲେ—ବାୟୁ

କଲମ୍ବୋର ଏକ ସଭାରେ ସିଂହଳର ପ୍ରଧାନ ମନ୍ତ୍ରୀ ସାର କୋଟେଲୱାଲ୍ କହିଛନ୍ତି, "ଆମେ ଇଂଲଣ୍ଡସଙ୍ଗେ ସମ୍ପର୍କ ତୁଟାଇଁ ନ ପାରୁ । କାରଣ ଯେଉଁ ମୁହୂର୍ତ୍ତରେ ଆମେ ତାହା କରିବୁ, ସେହି ସଙ୍ଗେ ସଙ୍ଗେ ଭାରତର କବଳିତ ହେବୁ ।"

ସେକଥା ଥରେ ହୋଇଥିଲା ସତ୍ୟଯୁଗରେ, ମାତ୍ର ରାମଚନ୍ଦ୍ର ତ ଲଙ୍କାକୁ ନିଜ ଦଖଲଭୁକ୍ତ କରି ନ ଥିଲେ । ସୀତାଙ୍କୁ ଆଣିବାପାଇଁ ସେ ଲଙ୍କା ଆକ୍ରମଣ କରିଥିଲେ ସିନା ! ବର୍ତ୍ତମାନ ତ ସେ ପରିସ୍ଥିତି ନାହିଁ ।

ଶ୍ରୀ ନେହେରୁ ଭାରତର ବୈଦେଶିକ ନୀତି ସ୍ପଷ୍ଟ କରି ଦେଇଥିବାସ୍ଥଳେ ସାର ଜନ କୋଟେଲୱାଲ୍ ଯେ କୋକୁଆଭୟ ଦେଖୁଛନ୍ତି, ଏହାହିଁ ବଡ଼ ବିଚିତ୍ର ! କଥାରେ ପରା ଅଛି, "ଲଙ୍କାରୁ ଯେତେକ ଜାତ··· ।"

⁕

ଗୋଆର ପରିସ୍ଥିତି ଦେଖି ମନେହୁଏ, ପର୍ତ୍ତୁଗାଲ ସରକାରଙ୍କ ଘଣ୍ଟା କଣ୍ଟା ଓଲଟା ଦିଗରେ ଘୂରୁଛି । ୧୯୫୫ ମସିହାର ଭାରତକୁ ସେ ଦୁଇଶହ ବର୍ଷ ତଳର ଭାରତ ବୋଲି କଳ୍ପନା କରୁଛନ୍ତି ।

'ବଡ଼ ବଡ଼ ଗଲେ ଫସର ଫାଟି,
ସାନ ଆସିଲେ ବେସର ବାଟି ।'

⁕

କରାଚୀର ଏକ ସମ୍ବାଦରୁ ପ୍ରକାଶ ସେଠାରେ ପାକିସ୍ଥାନ ମହିଳା ସଂଘ ଗୋଟିଏ ଅଭିନବ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସେଠାର ଅନେକ ଉଚ୍ଚପଦସ୍ଥ କର୍ମଚାରୀ ଦ୍ୱିତୀୟବାର ବିବାହ କରିବାକୁ ଆୟୋଜନ କରୁଥିବାର ଦେଖି ଏହି ସଂଘ ସେମାନଙ୍କ ବିରୁଦ୍ଧରେ ଶାନ୍ତିମୂଳକ ବ୍ୟବସ୍ଥା ପ୍ରୟୋଗ କରିବାକୁ ବଦ୍ଧପରିକର ହୋଇଛି । ପ୍ରଧାନ ମନ୍ତ୍ରୀ ମି. ମହମ୍ମଦ ଅଲିଙ୍କ ଦ୍ୱିତୀୟ ବିବାହ ଦ୍ୱାରା ଅନେକ ପାକିସ୍ଥାନୀ ପୁନର୍ବିବାହ କରିବାକୁ ଉତ୍ସାହିତ ହୋଇଛନ୍ତି ବୋଲି ଏହି ସଂଘ ମତ ଦେଇଛନ୍ତି । କଥାରେ ପରା ଅଛି—'ମହାଜନୋ ଯେନ ଗତଃ ସ ପନ୍ଥା ।'

⁕

ଇଂଲଣ୍ଡର ନିର୍ବାଚନ ଚାଲିଛି । ଏଥିରେ ଶ୍ରମିକ ନେତା ମି: ଆଟଲି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ନିର୍ବାଚନ ସମ୍ପର୍କରେ ତାଙ୍କୁ ପ୍ରାୟ ୧୨୦୦୦ ମାଇଲ ଗସ୍ତ କରିବାକୁ ପଡ଼ୁଛି । ଏହି ଗସ୍ତରେ ତାଙ୍କ ମଟର ଚଳାଇବେ ତାଙ୍କ ପତ୍ନୀ ମିସେସ୍ ଆଟଲି । ଲୋକେ ଆଶା କରୁଛନ୍ତି ମିସେସ୍ ଆଟଲିଙ୍କ ଦକ୍ଷ ମଟର ଚାଳନା ଏଥର ତାଙ୍କ ସ୍ୱାମୀଙ୍କୁ ଜୟଯୁକ୍ତ କରିବ ।

ଶ୍ରମିକ ଶ୍ରେଷ୍ଠମାନେ ଶ୍ରମର ମର୍ଯ୍ୟାଦା ଠିକ୍ ବୁଝିବେ କି ?

⁕

ଏଥି ଭିତରେ ହଠାତ୍ ଝଡ଼ତୋଫାନ ଯୋଗୁ କଟକ ଚୌଦୁଆର ବିଜୁଳି ସରବରାହ ଏପରି ବିଗିଡ଼ି ଗଲା ଯେ ଗୋଟାଏ ରାତି କଟକ ସହର ପୂରାପୂରି ଅନ୍ଧାର ରହିଲା ଏବଂ ତା ପରଦିନ ସନ୍ଧ୍ୟାବେଳକୁ ପୁଣି ବିଜୁଳି ମିଳିଲା । ଜୋବ୍ରାଠାରେ ଗୋଟିଏ ପାୱାର ଷ୍ଟେସନ ଥାଇ ମଧ୍ୟ ସେଠାରୁ ବିଜୁଳି ଆଣି ଅନ୍ତତଃ ଅସ୍ଥାୟୀ ଭାବରେ କେତେକ ଘଣ୍ଟା ପାଇଁ କାମ ଚଳାଇବାର କୌଣସି ବ୍ୟବସ୍ଥା କରାଯାଇ ପାରିଲା ନାହିଁ ।

ଆଲୁଅ ତ ମିଳିଲା ନାହିଁ, ପାଣିକଳ ବନ୍ଦ ହେବା ଫଳରେ ପାଣି ବି ମିଳିଲା ନାହିଁ । ବିଜୁଳି କମ୍ପାନୀଙ୍କ ଅଫିସରୁ କେବଳ ଉତ୍ତର ମିଳିଲା—"ଆମେ କିଛି କରି ପାରିବୁ ନାହିଁ ।"

ହିକ ଧନ ଖର୍ଚ୍ଚ କରି ଯାହା ତ ହଇରାଣ—ତା ସାଙ୍ଗକୁ 'ତବ ବାଧତ ବାଧତେ ।'

⁕

ଭାଗଲପୁର ହରିଜନମାନେ କଂଗ୍ରେସ ସଭାପତି ଶ୍ରୀ ଧେବରଙ୍କୁ ତାଙ୍କ ଭକ୍ତି ଓ ଦାରିଦ୍ର୍ୟର ନିଦର୍ଶନ ସ୍ୱରୂପ ଏକଲକ୍ଷ ପଇସାର ଗୋଟିଏ ଥଳୀ ଭେଟି ଦେଇଛନ୍ତି ବୋଲି ଖବର ପ୍ରକାଶ ପାଇଛି । ବିଚାରା ପଇସାମାନଙ୍କର ଭାଗ୍ୟ ଫେରିଲା । ସବୁତକ କଣା ପଇସା ହୋଇଥିଲେ ସୁନ୍ଦର ଭାବରେ ମାଳ ଗୁନ୍ଥି ଉପହାର ଦିଆଯାଇ ପାରେ ।

Digitized by srujanika@gmail.com

ଶିଳ୍ପ ବାଣିଜ୍ୟ

ଭାରତରେ କାଗଜ ଶିଳ୍ପର ଅଗ୍ରଗତି—

ଗତ ଚାରି ବର୍ଷରେ ଭାରତରେ କାଗଜ ଉତ୍ପାଦନ ପ୍ରାୟ ୫୦ ହଜାର ଟନ ବୃଦ୍ଧି ପ୍ରାପ୍ତ ହୋଇଅଛି । ୧୯୫୦ରେ ଉତ୍ପାଦନ ୧୦୮୯୦୭ ଟନ ଥିବା ସ୍ଥଳେ ୧୯୫୪ ରେ ୧୫୫୩୭୮ ଟନ ହୋଇଅଛି । ୧୯୫୦ରେ ଭାରତରେ ସର୍ବମୋଟ ୧୭ ଟି କାଗଜ କାରଖାନା ଥିଲା, ମାତ୍ର ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ୨୧ ହୋଇଛି । ଏମାନଙ୍କ ମଧ୍ୟରେ ୭ଟି ଦକ୍ଷିଣ ଭାରତରେ, ୫ ଟି ବମ୍ବେ ପ୍ରଦେଶ ଓ ମଧ୍ୟ ପ୍ରଦେଶରେ, ୩ଟି ପଞ୍ଜାବ ଓ ଉତ୍ତର ପ୍ରଦେଶରେ ଏବଂ ୬ ଟି ବଙ୍ଗ ଓ ଓଡ଼ିଶା ପ୍ରଦେଶରେ ଅବସ୍ଥିତ । ଉକ୍ତ କାରଖାନାଗୁଡ଼ିକରୁ ୧୯୬୦-୬୧ ବେଳକୁ ୨୮୬୧୧୦ ଟନ କାଗଜ ଉତ୍ପାଦିତ ହେବ ବୋଲି ଅଟକଳ କରାଯାଇଛି ।

କାଗଜର ଉତ୍ପାଦନ ଅନୁଯାୟୀ ଆବଶ୍ୟକତା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି । ଗଲା ୫ ବର୍ଷ ମଧ୍ୟରେ କାଗଜ ଖର୍ଚ୍ଚ ଶତକଡ଼ା ୫୦ ହାରରେ ବଢ଼ିଛି । ୧୯୫୬ ବେଳକୁ ବାର୍ଷିକ ୨ ଲକ୍ଷ ଟନ ଏବଂ ୧୯୬୧-୬୨ ବେଳକୁ ୪ ଲକ୍ଷ ୮୧ ହଜାର ଟନ କାଗଜ ଦରକାର ହେବ ବୋଲି ହିସାବ କରାଯାଇଛି ।

କାଗଜ ଶିଳ୍ପରେ ଖଟା ଯାଇଥିବା ମୂଳଧନର ପରିମାଣ ୨୧.୭୨ କୋଟି ଟଙ୍କା ଏବଂ ଏଥିରେ ଆଉ ୧୪.୩ କୋଟି ଟଙ୍କା ବିନିଯୋଗ କରାଯିବା ପାଇଁ ଯୋଜନା ଗଢ଼ାଯାଉଛି ।

ବର୍ତ୍ତମାନ କାଗଜ ଶିଳ୍ପରେ ୨୬ ହଜାର ଲୋକ ନିଯୁକ୍ତ ଅଛନ୍ତି । ଏମାନଙ୍କ ମଧ୍ୟରୁ ୨୧୦୦ ଜଣ ବୈଷୟିକ ଶିକ୍ଷାପ୍ରାପ୍ତ । ୧୯୬୦-୬୧ ସୁଦ୍ଧା ଉକ୍ତ ଶିଳ୍ପରେ ୪ ହଜାର ଜଣ ବୈଷୟିକ ଶିକ୍ଷାପ୍ରାପ୍ତ ଲୋକଙ୍କ ସମେତ ୫୪ ହଜାର ଲୋକ ନିଯୁକ୍ତ ରହିବେ ।

ମଧ୍ୟ ପ୍ରଦେଶର ଗୃଦ୍ଧମୀଠାରେ ନୂଆ ପ୍ରତିଷ୍ଠିତ ହୋଇଥିବା ନେପା ନିଉଜପ୍ରିଣ୍ଟ କାଗଜ କାରଖାନାରେ ପରୀକ୍ଷା ସ୍ୱରୂପ ବିଦେଶରୁ ଆମଦାନି ହୋଇଥିବା କାଗଜ ମଣ୍ଡରେ କାଗଜ ତିଆରି ହୋଇ ବିଶିଷ୍ଟ ସମ୍ବାଦପତ୍ର ଅନୁଷ୍ଠାନକୁ ସେମାନଙ୍କର ମତାମତ ଜାଣିବା ପାଇଁ ଏବଂ ସେମାନଙ୍କର ଆବଶ୍ୟକତା ମତେ କାଗଜର ନମୁନା ପଠାଯାଇଛି । ଉକ୍ତ କାରଖାନା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଦୈନିକ ୧୦୦ ଟନ କାଗଜ ଯୋଗାଇବ ଏବଂ ଏହା ଭାରତରେ ବର୍ତ୍ତମାନ ଦରକାର ହେଉଥିବା କାଗଜର ଏକତୃତୀୟାଂଶ ପୂରଣ କରିବ ।

ଭାରତରେ ନୂଆ କୁଇନାଇନ୍ କାରଖାନା—

ମାନ୍ଦ୍ରାଜର ଆନାମଲାଇଠାରେ ଗୋଟିଏ ନୂଆ କୁଇନାଇନ୍ କାରଖାନା ପ୍ରତିଷ୍ଠା କରାଯାଇଅଛି । ଏଥିରୁ କୁଇନାଇନ୍ ଉତ୍ପାଦିତ ହେଲେ ବଙ୍ଗ ପ୍ରଦେଶସ୍ଥ କାରଖାନାର କୁଇନାଇନ୍ ଓ ଏହାର କୁଇନାଇନ୍ ଭାରତର ଆବଶ୍ୟକତା ତୁଲାଇ ପାରିବ ଏବଂ ଆଉ ବିଦେଶରୁ କୁଇନାଇନ୍ ଆମଦାନି ହେବ ନାହିଁ ।

ନୂଆ ବୈଦ୍ୟୁତିକ ଯନ୍ତ୍ର ନିର୍ମାଣ କାରଖାନା—

ଭାରତ ସରକାର ଗୋଟିଏ ବୈଦ୍ୟୁତିକ ଯନ୍ତ୍ରପାତି ନିର୍ମାଣ କାରଖାନା ପ୍ରତିଷ୍ଠା କରିବା ନିମନ୍ତେ ସ୍ଥିର କରିଛନ୍ତି । ଏଥିରେ ୨୦ କୋଟି ଟଙ୍କା ବ୍ୟୟିତ ହେବ ବୋଲି ଅଟକଳ କରାଯାଇଛି । ଏ ସମ୍ବନ୍ଧରେ ଗୋଟିଏ ବିଶେଷଜ୍ଞ କମିଟି ନିଯୁକ୍ତ ହୋଇଥିଲା । ଏହି କମିଟିର ସୁପାରିଶ ମତେ ଏହି କାରଖାନା ପ୍ରତିଷ୍ଠା କରାଯିବାର ଯୋଗାଡ଼ କରାଯାଉଛି । ଉକ୍ତ କାରଖାନାରେ ୩୩ ବା ତତୋଽଧିକ କିଲୋଭୋଲ୍ଟ୍ ଶକ୍ତି ସମ୍ପନ୍ନ ଜେନେରେଟର ଓ ଅନ୍ୟାନ୍ୟ ଭାରୀ ଜେନେଲ ଚାଳିତ ଯନ୍ତ୍ର, ରେଲଓୟେ ନିମନ୍ତେ ମଟର, ଟ୍ରାକ୍ଟର ପ୍ରଭୃତି ଯନ୍ତ୍ର ନିର୍ମିତ ହୋଇ ପାରିବ । ଭାରତ ସରକାର ଅନ୍ୟାନ୍ୟ ବିଦେଶୀ ଫାର୍ମମାନଙ୍କ ସହଯୋଗରେ ଏହାର ଅନ୍ୟାନ୍ୟ ସମସ୍ତ ସ୍ଥିର କରିବେ ।

Digitized by srujanika@gmail.com

ଫଟୋ ଇଲେକ୍‌ଟ୍ରିକ୍ ଟିଉବ୍

ଶ୍ରୀ ବିଭୂତିଭୂଷଣ ମହାନ୍ତି, ଏମ୍. ଏସ୍‌ସି., ଗ୍ରାଡ୍. ବ୍ରିଟ୍. ଆଇ. ଆର. ଇ.

ଫଟୋ ଇଲେକ୍‌ଟ୍ରିକ୍ ଟିଉବ୍ ସାଧାରଣ ରେଡ଼ିଓ ଭଲ୍‌ଭ ଭଳି ଗୋଟିଏ ଭଲ୍‌ଭ୍ । ଏହାକୁ ସାଧାରଣତଃ 'ଫଟୋ ଟିଉବ୍' ବା 'ଫଟୋ ସେଲ୍' କୁହାଯାଏ । ବେତାର ଯନ୍ତ୍ରରେ ଏହାର ବ୍ୟବହାର ନ ହେଲେ ମଧ୍ୟ ବୈଦ୍ୟୁତିକ ଯନ୍ତ୍ରପାତି ଓ ଚଳଚ୍ଚିତ୍ର ସମ୍ବନ୍ଧୀୟ ଯନ୍ତ୍ରପାତିରେ ଏହାର ବ୍ୟବହାର ଆବଶ୍ୟକତା ଅତି ବେଶୀ । ଏହାର ପ୍ରକ୍ରିୟା ମଧ୍ୟ ଅତି ଆଶ୍ଚର୍ଯ୍ୟ ଧରଣର । 'ଫଟୋ ଇଲେକ୍‌ଟ୍ରିକ୍ ଟିଉବ' ସମ୍ବନ୍ଧରେ ବେଶୀ କିଛି କହିବା ପୂର୍ବରୁ 'ଫଟୋ' ଶବ୍ଦ ଅର୍ଥ ପ୍ରଥମେ ବୁଝିବାକୁ ହେବ ।

ଆଧୁନିକ ପଦାର୍ଥ ଶାସ୍ତ୍ରର ଗବେଷଣାରୁ ଜଣାଯାଇଛି ଯେ ଆଲୋକ ରେଖା କେତେଗୁଡ଼ିଏ ଫୋଟୋନ୍‌ର ସମଷ୍ଟି ମାତ୍ର । ଫୋଟୋନ ସମ୍ବନ୍ଧରେ ବେଶୀ ବୁଝାଇବା ଏ ପ୍ରବନ୍ଧରେ ସମ୍ଭବ ହେବ ନାହିଁ । କେବଳ ଏତିକି ମନେ ରଖିଲେ ଯଥେଷ୍ଟ ହେବ ଯେ ଯେପରି କେତେଗୁଡ଼ିଏ ପରମାଣୁ ଓ ଅଣୁ ନେଇ ପଦାର୍ଥ ଗଠିତ ହୋଇଛି, ସେହିପରି କେତେଗୁଡ଼ିଏ ଫୋଟନ୍‌ର ସମଷ୍ଟିରେ ଆଲୋକରେଖା ହୋଇଛି । ବହୁତ ଦିନ ଆଗେ ନିଉଟନ ଏହି ଧରଣର ଗୋଟିଏ ତଥ୍ୟ ଆବିଷ୍କାର କରିଥିଲେ । କିନ୍ତୁ ତା ପରେ ହାଇଁଜେନଙ୍କ ତଥ୍ୟ ଆତ୍ମପ୍ରକାଶ କରିଥିଲା ଏବଂ ପୃଥିବୀର ତତ୍କାଳୀନ ସମସ୍ତ ବୈଜ୍ଞାନିକଙ୍କ ଦ୍ୱାରା ଗୃହୀତ ହୋଇଥିଲା । ସେ ତଥ୍ୟ ହେଉଛି "ଆଲୋକ କେବଳ ତରଙ୍ଗ ମାତ୍ର ।" କିନ୍ତୁ ବର୍ତ୍ତମାନ ବୈଜ୍ଞାନିକମାନେ ଦୁଇଟି ତଥ୍ୟକୁ ଗ୍ରହଣ କରିଛନ୍ତି । ଯେଉଁ ବୈଜ୍ଞାନିକ ପ୍ରକ୍ରିୟାରେ ଆଲୋକର କାର୍ଯ୍ୟକଳାପ ନିହିତ ଥାଏ, ସେଠି ଫଟୋ ଶବ୍ଦର ବ୍ୟବହାର ହୋଇଥାଏ । ଉଦ୍ଭିଦ-ଶାସ୍ତ୍ର ଅଧ୍ୟୟନ କଲା ସମୟରେ ଆମ୍ଭେମାନେ 'ଫଟୋ ସିନ୍ଥେସିସ୍' ବିଷୟରେ ମଧ୍ୟ ସମ୍ୟକ୍ ଜ୍ଞାନ ହାସଲ କରିଥାଉଁ ।

୧୮୮୭ ମସିହାରେ 'ଫଟୋ ଇଲେକ୍‌ଟ୍ରିକ ଏଫେକ୍ଟ' ସମ୍ବନ୍ଧରେ ପ୍ରଥମେ ତଥ୍ୟ ଆବିଷ୍କାର କରନ୍ତି ପ୍ରଫେସର ହର୍ଜ । ଏହାପରେ ଏହି ଗବେଷଣାରେ ଭାଗ ନେଇଅଛନ୍ତି ପୃଥିବୀର ଅନେକ ସ୍ୱନାମଧନ୍ୟ ବୈଜ୍ଞାନିକ, ଯଥା—ହାଲ୍‌ୱାକ୍, ଏଲ୍‌ଷ୍ଟର୍, ଗିଟେଲ୍, ଥମ୍‌ସନ୍, ଲେନାର୍ଡ, ହ୍ୱିଉଗସ୍, ମିଲିକାନ୍ ଏବଂ ପ୍ରଫେସର ଆଇନ୍‌ଷ୍ଟାଇନ୍ । 'ଫଟୋ ଇଲେକ୍‌ଟ୍ରିକ୍ ଏଫେକ୍ଟ' କହିଲେ ମୋଟାମୋଟି ବୁଝାଯାଏ ଯେ କେତେକ ଧାତୁ ଉପରେ ଆଲୋକ ରେଖା ପଡ଼ିଲେ, ଧାତୁରୁ ଇଲେକ୍‌ଟ୍ରନ୍‌ମାନ ନିକ୍ଷେପିତ ହୋଇ ଥାନ୍ତି ଏବଂ ଏହି ଇଲେକ୍‌ଟ୍ରନ୍ ସବୁକୁ ସୁବିଧାନୁଯାୟୀ ଗ୍ରହଣ କଲେ ସେମାନେ ବୈଦ୍ୟୁତିକ ସ୍ରୋତ ଆକାରରେ ଗତି କରନ୍ତି । (୧୯୫୪ ଜୁଲାଇ ମାସର 'ଝଙ୍କାର'ରେ ପ୍ରକାଶିତ 'ବେତାର ତରଙ୍ଗ' ଶୀର୍ଷକ ପ୍ରବନ୍ଧରେ ଇଲେକ୍‌ଟ୍ରନ କ'ଣ ତାହା ବୁଝାଇ ଦିଆଯାଇଛି ।) ଯେଉଁ ଯନ୍ତ୍ର ସାହାଯ୍ୟରେ 'ଫଟୋ ଇଲେକ୍‌ଟ୍ରିକ୍ ଏଫେକ୍ଟ'କୁ ବୈଜ୍ଞାନିକ ବ୍ୟବହାରରେ ନିୟୋଜିତ କରାଯାଇ ପାରେ ତାହା ହେଉଛି 'ଫଟୋ ଟିଉବ୍' ।

ଫଟୋ ଟିଉବ୍ ପ୍ରସ୍ତୁତ କରିବା ପ୍ରଣାଳୀ ଅତ୍ୟନ୍ତ କଷ୍ଟସାଧ୍ୟ । ଖୁବ ଭଲ ଧରଣର କାରଖାନା ନ ଥିଲେ ଏହା ତିଆରି କରିବା ଅସମ୍ଭବ । ସାଧାରଣ ରେଡ଼ିଓ ଭଲ୍‌ଭରେ ଯେପରି ଇଲେକ୍‌ଟ୍ରୋଡ ସବୁ ଥାଏ, ଏଥିରେ ସେହିପରି ଦୁଇଟି ଇଲେକ୍‌ଟ୍ରୋଡ ଥାଏ । ଯେଉଁ ଇଲେକ୍‌ଟ୍ରୋଡ ଉପରେ ଆଲୋକ ପଡ଼ିଲେ ଇଲେକ୍‌ଟ୍ରନ୍ ସବୁ ନିକ୍ଷେପିତ ହୁଅନ୍ତି ତାହାକୁ ଫଟୋ କାଥୋଡ କୁହାଯାଏ । ଅନ୍ୟ ଇଲେକ୍‌ଟ୍ରୋଡ୍‌ଟି ଏହି ଇଲେକ୍‌ଟ୍ରନ୍ ସବୁକୁ ଗ୍ରହଣ କରେ ଏବଂ ଏହାକୁ ଫଟୋ ଆନୋଡ୍ କୁହାଯାଏ । ଏହି ଦୁଇଟି ଇଲେକ୍‌ଟ୍ରୋଡ୍‌କୁ ଗୋଟିଏ କାଚର ବଲ୍‌ବ୍ ମଧ୍ୟରେ ରଖାଯାଏ ।

Digitized by srujanika@gmail.com

ଫଟୋ କାଥୋଡ୍‌ର ସମ୍ମୁଖରେ ଫଟୋ ଆନୋଡ ଥାଏ । ଫଟୋ ଟିଉବ୍ ତିଆରି ପାଇଁ ଯେଉଁ କାଚ ଆବଶ୍ୟକ ହୋଇଥାଏ ତାହା ସ୍ୱତନ୍ତ୍ର ଧରଣର କାଚ ଏବଂ କାଚ ପ୍ରସ୍ତୁତ କରିବାକୁ ଉତ୍କୃଷ୍ଟ ଧରଣର ଯନ୍ତ୍ରପାତି ଆବଶ୍ୟକ ହୋଇଥାଏ ।

ଫଟୋ ଟିଉବ୍‌ର ବ୍ୟବହାର ଆଜିକାଲି ଖୁବ୍ ବଢ଼ିଯାଇଛି । ଚଳଚ୍ଚିତ୍ର ଶିଳ୍ପ ଭାରତରେ ଯେପରି ଭାବରେ ଆଗେଇଛି ସେଥିପାଇଁ ଏହି ଟିଉବ୍ ପ୍ରସ୍ତୁତ କରିବା ପାଇଁ ଗୋଟିଏ କାରଖାନା ଭାରତରେ ହେବା ଉଚିତ୍ । ସିନେମାରେ ଦୃଶ୍ୟାଦୃଶ୍ୟ ସହ ଶବ୍ଦ ସଂଯୋଗର ସମ୍ଭବ ହୋଇ ପାରିଛି କେବଳ ଫଟୋ ଟିଉବ୍ ସାହାଯ୍ୟରେ । ଏହାଛଡ଼ା କଳ କାରଖାନାମାନଙ୍କରେ ମଧ୍ୟ ଏହାର ବ୍ୟବହାର ବହୁମୁଖୀ । କଳ କାରଖାନାରେ କାର୍ଯ୍ୟ ଆରମ୍ଭ ସମୟରେ କେତେ ଶ୍ରମିକ କାରଖାନାକୁ ଗଲେ ତାହାର ସଠିକ ହିସାବ ଫଟୋ ଟିଉବ୍‌ଦ୍ୱାରା ଜାଣିହୁଏ । ସୂତା କଳରେ ବିଭିନ୍ନ ରଙ୍ଗର ସୂତାକୁ ଦ୍ରୁତ ବେଗରେ ଅଲଗା ଅଲଗା କରେ ଫଟୋ ଟିଉବ୍ । ଏହା ସାହାଯ୍ୟରେ ବିନା ଶ୍ରମରେ ମଟରର ଆଲୋକ ପଡ଼ି ଫାଟକ ଖୋଲିଯାଏ । ଅନ୍ଧାର ହୋଇଗଲେ ମନୁଷ୍ୟର ବିନା ସାହାଯ୍ୟରେ ଘରର ବଲ୍‌ବ୍ ସବୁ ଜଳିଉଠେ । ଏହିପରି ଅସଂଖ୍ୟ ବ୍ୟବହାରରେ ଏହା ଲାଗୁଅଛି ।

୧୯୬୯ ମସିହାରେ ପଦାର୍ଥ ଶାସ୍ତ୍ର ଅନର୍ସ ନେଇ ପଢ଼ୁଥିବା ସମୟରେ ରେଭେନ୍‌ସା କଲେଜର ତତ୍କାଳୀନ ପଦାର୍ଥଶାସ୍ତ୍ର ପ୍ରଫେସର ଶ୍ରୀ ଶ୍ରୀରାମ ମୂର୍ତ୍ତିଙ୍କ ସାହାଯ୍ୟରେ ଆମ୍ଭେମାନେ ଏହି 'ଫଟୋ ଟିଉବ୍' ସମ୍ବନ୍ଧରେ ଗୋଟିଏ ଚିତ୍ତାକର୍ଷକ ପରୀକ୍ଷା କଲେଜ ପ୍ରଦର୍ଶନୀରେ ଦେଖାଇଥିଲୁ । ତାହା ଖୁବ୍ ସରଳ ହେଲେହେଁ ଦର୍ଶକମାନଙ୍କୁ ବିସ୍ମୟ ବିମୁଗ୍ଧ କରିଥିଲା । ଗୋଟିଏ ଫଟୋ ଟିଉବ୍‌ରୁ ଗୋଟିଏ ଟର୍ଚ୍ଚ ଲାଇଟ୍ ବଲ୍‌ବ୍‌କୁ ବୈଦ୍ୟୁତିକ ସଂଯୋଗ କରାଯାଇଥିଲା । ଫଟୋ ଟିଉବ୍‌ରୁ ବେଶୀ ମାତ୍ରାରେ ବୈଦ୍ୟୁତିକ ସ୍ରୋତ ଆସି ଯେପରି ଟର୍ଚ୍ଚ ଲାଇଟ୍ ବଲବ୍‌କୁ ପୋଡ଼ି ନ ଦିଏ ତାର ଯତ୍ନ ନିଆ ଯାଇଥିଲା । ସମସ୍ତ ଦର୍ଶକଙ୍କୁ ଯନ୍ତ୍ରଗୁଡ଼ିକ ତନ୍ନ ତନ୍ନ କରି ଦେଖିବାର ସୁଯୋଗ ଦିଆଯାଇଥିଲା । ଗୋଟିଏ ଦିଆସିଲି କାଠିକୁ ଜଳାଇ ଫଟୋ ଟିଉବ୍ ଆଗରେ ଦେଖାଇଲେ ଟର୍ଚ୍ଚ ଲାଇଟ୍ ବଲ୍‌ବ୍‌ଟି ଜଳୁଥିଲା । ପୁଣି କାଠିଟିକୁ ନିଭାଇଦେଲେ ଟର୍ଚ୍ଚ ଲାଇଟ୍ ବଲବ୍‌ଟି ନିଭି ଯାଉଥିଲା ।

ସମସ୍ତଙ୍କ ମନରେ ସନ୍ଦେହ ହେଲା ଯେ ବୋଧହୁଏ ଟର୍ଚ୍ଚଲାଇଟ୍ ବଲ୍‌ବ୍‌ର ଗୋଟିଏ ସୁଇଚ୍‌କୁ ଆମ୍ଭେମାନେ ଲୁଚାଇ ରଖିଛୁ ଓ ମନଇଚ୍ଛା ବଲ୍‌ବଟିକୁ ଜଳାଉଛୁ ଓ ନିଭାଉଛୁ । କିନ୍ତୁ କିଛି ସମୟ ପରେ ଦର୍ଶକମାନଙ୍କର ଆମ୍ଭମାନଙ୍କ ପ୍ରତି ଜନ୍ମିଥିବା ସନ୍ଦେହ ଓ ଅବିଶ୍ୱାସ ମଧ୍ୟ ଦୂର ହୋଇଯାଇଥିଲା । ଏହାର ପ୍ରକ୍ରିୟା ଖୁବ୍ ସରଳ । ଦିଆସିଲି କାଠି ଜଳାଇ ଫଟୋ ଟିଉବ୍ ସମ୍ମୁଖରେ ଦେଖାଇବା ଦ୍ୱାରା ଫଟୋ ଟିଉବ୍ ଆଲୋକ ରେଖା ସବୁ ଗ୍ରହଣ କରେ ଏବଂ ଫଟୋ ଆନୋଡ୍‌ରୁ ବୈଦ୍ୟୁତିକ ସ୍ରୋତ ଯାଇ ଟର୍ଚ୍ଚବଲ୍‌କୁ ଜଳାଏ । ଦିଆସିଲି କାଠି ନିଭିଗଲେ ଫଟୋ ଟିଉବ୍ ଆଲୋକ ପାଏ ନାହିଁ । ତେଣୁ ବୈଦ୍ୟୁତିକ ସ୍ରୋତ ଆଉ ଟର୍ଚ୍ଚ ବଲ୍‌ବ୍‌କୁ ଜଳାଇପାରେ ନାହିଁ । ପରୀକ୍ଷାଟି ଗୋଟିଏ ଅନ୍ଧାର ଘରେ କରାଯାଇଥିଲା ।

ଟେଲିଭିଜନ୍, ଟେଲିଭିଜୋଫୋନ ଓ ଟେଲିଫଟୋ ସର୍ଭିସ୍‌ରେ ମଧ୍ୟ ଫଟୋ ଟିଉବ୍ କାର୍ଯ୍ୟରେ ଲାଗେ । କିନ୍ତୁ ଏହା ଟିକେ ଭିନ୍ନ ଧରଣର ।

ଇଚ୍ଛାନୁଯାୟୀ ଗୋଟିଏ ଶକ୍ତି କିପରି ଅନ୍ୟ ଶକ୍ତିକୁ ରୂପାନ୍ତରିତ ହୋଇପାରିବ, ତାହା ବୈଜ୍ଞାନିକଙ୍କୁ ସବୁବେଳେ ପାଗଳ କରିଅଛି । ଆଧୁନିକ ଆଣବିକ ସଭ୍ୟତାର ପଛରେ ରହିଛି ଗୋଟିଏ ପୁରାତନ ଇତିହାସ—ତାହା ହେଉଛି ଶକ୍ତିର ରୂପାନ୍ତରରେ ବୈଜ୍ଞାନିକର ଅଦମ୍ୟ ସାଧନା ।

Digitized by srujanika@gmail.com

ବିଜୟୀ-ଖୁଦୀରାମ

ଶ୍ରୀ ମୋହନମୁରଲୀ ବାରିକ

(୧)

ବଂଶ-ମଳୟ ଛୁଇଁଥିଲା ଅବା ଛୁଇଁ ନ ଥିଲା,
ନରମ ଶରୀର ଗରମ ହୋଇଲାରେ···ଗରମ ହୋଇଲା ;
ସଂସ୍କାର୍-ମୋହ-ମୋହିନୀ-ଶିକଳି ଗୋଡ଼ରେ ଦଳି,
ବିପଦ-ଝଞ୍ଜା ମସ୍ତକେ ତବ ନେଇ ହେ ବଳି ;
କରିଲା ପଣ···
ଜନମ-ଭୂଇଁକୁ ମୁକ୍ତ କରିବ···ଫେରାଇ ଆଣିବ···
ଜାତିର ମାନ ।

(୨)

ଏ ଦେଶ-ବୁକୁରେ ବସିଥିଲା ଯେବେ ବେପାରୀ-ଜାତି,
ଉଷୁମ-ରକତ-ପିଉଥିଲା···ସୁଖେ ଚରି ତା ଛାତି—
ଲହୁ-ଲୁହେ ଯେବେ ଏ ଦେଶ ସମୀର ହୋଇଲା ଭାରି
ନୂତନ-ସୂର୍ଯ୍ୟ ଉଇଁଲା ଏ ଦେଶେ କ୍ରାନ୍ତିକାରୀ···,
ସେତିକବେଳେ
ଅଗ୍ରଦୂତ ହେ, ମୁକ୍ତ ବାରତା ତୁମେ ଗଲ କହି···
ଆମରି ପୁରେ ।

(୩)

ବଜ୍ର-ଗର୍ମ୍ଭୀରେ କରିଲ ଘୋଷଣା··· ବାଳକ-ବୀର,
କାଳ-କାଳ ଧରା ସ୍ତମ୍ଭିତ ହେଲା···ଶୁଣି ଏ ଗୀର;
"ମୁକ୍ତ-ଧରାର ମୁକ୍ତ ଭାରତ···ମୁକ୍ତ ଆମେ···
ଫେରିଯା···ବିଦେଶୀ, ଗର୍ଜିଲ ଧରି···ତୋହରି ଧାମେ
ତୁ ଗଲେ ଯାଇ···
'ବନ୍ଦିନୀ-ମୋର-ଜନନୀ ଆଖିରୁ ଲିଭିଯିବ···ଲହୁ···
ଲୁହର ନଈ !"

(୪)

ଦେଶ-ଘୋଷଣାରେ ବଧିର ବନିଲା···ଶାସକ-ଦଳ,
ଶିକ୍ଷା ଦେବାକୁ···ଶିକ୍ଷାଦାତା ହେ, ଆଗେଇ ଗଲ ;
ଏକହାତେ ଧରି ଜନ୍ମଭୂଇଁର ଝଣ୍ଡା-ବାନା—,
ଏବେ ପିସ୍ତଲ···ଗୋରା ମରଣର ପରଓଆନା—

ପରଶାନେ ବୀର, ଫାଶୀ-ଖୁଣ୍ଟର ଅଗ୍ରେ ଚଢ଼ି—
ଆଲୋକ-ପ୍ରାନ୍ତ-ନୂତନ-ପନ୍ଥା ଦେଲ ହେ ଗଢ଼ି ;
ଭାରତ-ଜନନୀ-କପୋଳେ ନିଜର ରକତ-ଟୀକା-
ସଂଯୋଗି, ତାର ଉଚେ ଗାଇଲ ବନ୍ଦନିକା—,
ମରଣ ତୁମ···
ଚରଣ-ପ୍ରାନ୍ତେ ମୁଣ୍ଡ-କଟୁଡ଼ି···ଘୋଷିଲା "ବିଜୟୀ
ହେ ଖୁଦିରାମ !"

— o —

କଲିକତାଠାରୁ ଲଣ୍ଡନ ମଟର ଯାତ୍ରା —

ବେଙ୍ଗଲ ଅଟୋମୋବାଇଲ ଆସୋସିଏସନର ମିଃ ଜେରି ଜେଫ୍ରେଟ ଓ କଲିନ୍ ଓୟାର୍ଡେଲ ନାମକ ଦୁଇ ଜଣ ସଭ୍ୟ ଗତ ମେ ୧୨ ତାରିଖ ଦିନ ଗୋଟିଏ ନୂଆ ଅଭିଯାନ ଆରମ୍ଭ କରିଛନ୍ତି । ସେମାନେ ଗୋଟିଏ ମୋଟର କାରରେ କଲିକତାରୁ ଲଣ୍ଡନ ଯାତ୍ରା କରିଛନ୍ତି । ସେମାନେ ଅବିଶ୍ରାନ୍ତ ଗତିରେ ପ୍ରତ୍ୟେକେ ୪ ଘଣ୍ଟା ଅନ୍ତରରେ ମଟର ଚଳାଇ ୭୭୦୦ ମାଇଲ ରାସ୍ତାକୁ ପ୍ରାୟ ୧୦ ଦିନରେ ଯାଇ ପାରିବେ ବୋଲି ଇଚ୍ଛା କରିଛନ୍ତି । ସେମାନେ ପାକିସ୍ଥାନ, ଇରାକ, ଇରାନ୍, ସିରିଆ, ତୁରସ୍କ, ଗ୍ରୀସ୍, ଯୁଗୋସ୍ଲୋଭିଆ, ଅଷ୍ଟ୍ରିଆ, ଜର୍ମାନୀ, ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟଦେଇ ଯିବେ । ସେମାନେ ସଙ୍ଗରେ ଟିଣରେ ପ୍ରଚୁର ଖାଦ୍ୟ ନେଇଛନ୍ତି । ପାଣି ପିଇବା ନିମନ୍ତେ ଡ୍ରାଇଭର ସିଟ୍ ନିକଟରେ ଗୋଟିଏ ନଳୀ ଲଗିଛି । ଏମାନେ କେବଳ ଗାଡ଼ି ପରୀକ୍ଷା ଏବଂ ତେଲ ଦେବା ସମୟରେ ଯାହା ଅଟକିବେ, ନଚେତ୍ ଅନ୍ୟ କୌଣସିଠାରେ ଅଟକିବେ ନାହିଁ ।

କଲିକତାରୁ ଲଣ୍ଡନ ଏହା ପ୍ରଥମ ମଟର ଯାତ୍ରା ।

—o—

ସିଂହ-ଶିଶୁ—
ଲମ୍ଫ ଯେ ଦେଲା···କମ୍ପାଇ-ନଭ ଗର୍ଜିଲା "ଗୋରା···
ମାଟିରେ ମିଶୁ···!"

(୫)

— o —

Digitized by srujanika@gmail.com

ବଡ଼ମଣିଷଙ୍କ ପିଲାଦିନ

ସଂଗ୍ରାହକ—ଶ୍ରୀ ସହଦେବ ସାହୁ

(ଏକ ଇଂରାଜୀ ପୁସ୍ତକରୁ ସଂଗୃହୀତ)

୧୮୮୪ ମସିହାରେ ଦିନେ "ଟିଟ୍-ବିଟ୍ସ" (Tit-Bits) ନାମକ ଏକ ସମ୍ବାଦପତ୍ର ଗୋଟିଏ ପ୍ରତିଯୋଗିତା ଘୋଷଣା କଲେ । ପ୍ରତିଯୋଗିତାର ପ୍ରଥମ ପୁରସ୍କାର ସ୍ୱରୂପ କର୍ତ୍ତୃପକ୍ଷ ସ୍ଥିର କରିଥିଲେ ଯେ ବାର୍ଷିକ ଏକ ଶତ ପାଉଣ୍ଡ ବେତନରେ ତାଙ୍କ କାର୍ଯ୍ୟାଳୟର କିରାଣୀ ଚାକିରୀଟି ପ୍ରତିଯୋଗିତାର ସର୍ବପ୍ରଥମ ବିଜୟୀଙ୍କୁ ପ୍ରଦତ୍ତ ହେବ । ତେର ସପ୍ତାହ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଦଶଟି ଲେଖାଏଁ ଅର୍ଥାତ୍ ସମୁଦାୟ ୧୩୦ ଟି ପ୍ରଶ୍ନ କରିବାର ସ୍ଥିର ହୋଇଥିଲା । ଯେଉଁ ବ୍ୟକ୍ତି ସେଗୁଡ଼ିକ ମଧ୍ୟରୁ ସର୍ବାଧିକ ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ପାରିବେ ସେ କେବଳ ବିଜୟୀ ହୋଇ ପାରିବେ ।

× × ×

ବର୍କିଙ୍ଗହାମ୍ ସାୟାରର ଜନୈକ ଧର୍ମଯାଜକ—ପରିବାରରେ ଜଣେ ଅଠର ବର୍ଷ ବୟସ୍କ ବାଳକ ଦିନେ ତାଙ୍କ "ଟିଟ୍‌ବିଟ୍ସ" କାଗଜ ପଢ଼ୁଥିବା ସମୟରେ ଏହି ଘୋଷଣା ପ୍ରତି ତାଙ୍କର ଦୃଷ୍ଟି ପଡ଼ିଲା । ତହିଁରୁ ତାଙ୍କ ପକ୍ଷରେ କେତେକ ସମ୍ଭବ ଥିବାର ଦେଖି ତାଙ୍କ ଚିତ୍ତ କୁଣ୍ଠେମାଟ ହୋଇଗଲା ।

ସେ ଉଇଞ୍ଚେଷ୍ଟରର ଏକ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ, କିନ୍ତୁ ଉପର୍ଯ୍ୟୁକ୍ତ ସମ୍ବାଦଟି ତାଙ୍କ ନଜରରେ ପଡ଼ିବାର ଦୁଇବର୍ଷ ପୂର୍ବରୁ ତାଙ୍କୁ ବିଦ୍ୟାଳୟ ତ୍ୟାଗ କରିବାକୁ ପଡ଼ିଥିଲା । କାରଣ ତାଙ୍କ ପିତା ସେଠାରେ ତାଙ୍କ ଅଧ୍ୟୟନ ନିମିତ୍ତ ଅର୍ଥ ଯୋଗାଇବାରେ ଏକାନ୍ତ ଅକ୍ଷମ ହୋଇ ପଡ଼ିଲେ । ସେହି ଦିନଠାରୁ ସେ ଗୃହରେ ଅଧ୍ୟୟନ କରୁଥିଲେ ଓ "ଜୀବନରେ ସେ କଣ କରିବେ"—ଏ କଥା ସର୍ବଦା ଚିନ୍ତା କରୁଥିଲେ ।

"ଟିଟ୍‌ବିଟ୍ସ"ର ଏହି ଘୋଷଣା ତାଙ୍କୁ ଏକ ଈଶ୍ୱର ପ୍ରେରିତ ସୁଯୋଗ ରୂପେ ବୋଧ ହେଲା । ଯଦି ସେ ଏକ ପ୍ରସିଦ୍ଧ ସମ୍ବାଦ ପତ୍ର-କାର୍ଯ୍ୟାଳୟରେ ନକର ଆସନ ଲାଭ କରି ପାରନ୍ତି, ତେବେ ତାଙ୍କ ଭାଗ୍ୟ ଉନ୍ମୁକ୍ତ ହୋଇଯିବ ।—ଜୀବନରେ ଉନ୍ନତି କରିବାକୁ ସେ ପ୍ରଶସ୍ତ ପଥ ପାଇବେ ।

ତେଣୁ ଆନନ୍ଦରେ ଆତ୍ମବିସ୍ମୃତ ହୋଇ ପରିବାରର ବରିଷ୍ଠ ସନ୍ତାନ ଆର୍ଥର ପିଅର୍ସନ୍ କାର୍ଯ୍ୟରେ ଲାଗିପଡ଼ିଲେ । ତାଙ୍କ ପିତାଙ୍କର ଅନେକଗୁଡ଼ିଏ ଭଲ ପୁସ୍ତକ ଥିଲା—କିନ୍ତୁ ଟିଟ୍‌ବିଟ୍ସ୍ ପ୍ରତି ସପ୍ତାହରେ ପ୍ରକାଶ କରୁଥିବା ପ୍ରଶ୍ନଗୁଡ଼ିକର ପ୍ରକାର ବିଭିନ୍ନ ଏବଂ ଉତ୍ତର ଦେବା ଆୟାସସାଧ୍ୟ ହୋଇଥିବାରୁ ସେହି ପୁସ୍ତକତକ ତାଙ୍କୁ ଯଥେଷ୍ଟ ହୋଇ ନ ଥିଲା ।

ତିରିଶ ମାଇଲ ଦୂରରେ ବେଡ୍‌ଫୋର୍ଡଠାରେ ଏକ ଉତ୍ତମ ଏବଂ ଅଭିଜ୍ଞାନ ପୁସ୍ତକର ଲାଇବ୍ରେରୀ ଥିଲା । ଆର୍ଥରଙ୍କ ସୌଭାଗ୍ୟରୁ ତାଙ୍କର ଏକ ବାଇସାଇକେଲ୍ ଥିଲା । କିନ୍ତୁ ତେତେବେଳେ ସାଇକେଲ୍‌ର ପ୍ରଥମ ଉଦ୍ଭାବନ ହୋଇଥିବାରୁ ସେଗୁଡ଼ିକ ବନ୍ଧୁର ଥିଲା ଏବଂ ତହିଁର ଚକାରେ କଦା ରବରର ଟାୟାର ଲାଗିଥିଲା ।

ଆର୍ଥର ପିଆର୍‌ସନ୍ ମଧ୍ୟ ଏ ସମ୍ବନ୍ଧରେ ଲେଖିଛନ୍ତି—"ମୁଁ ସେହି ଉଚ୍ଚ ବାଇସାଇକେଲଗୁଡ଼ିକ ମଧ୍ୟରୁ ଗୋଟିକରେ ଆରୋହଣ କରି ସପ୍ତାହରେ ତିନିଥର ବେଡ଼ଫୋର୍ଡକୁ ଯାତାୟାତ କରୁଥିଲି । ତେତେବେଳେ ଯେଉଁ ଲୋକର ଅତି ଭୁରୁଭୁରିଆ କାମ ପଡୁଥିଲା, ଯେଉଁଥିପାଇଁ ସେ ତାହାର ଶରୀର ପ୍ରତି ବିପଦକୁ ଭ୍ରୂକ୍ଷେପ ନ କରିବାକୁ ବାଧ୍ୟ ହେଉଥିଲା—ସେହି ଲୋକହିଁ ଏପରି ସାଇକେଲ ବ୍ୟବହାର କରୁଥିଲା । ଯଦି କେହି ସେକାଳର ସେହି ବନ୍ଧୁର କଦା ରବର ଟାୟାରଯୁକ୍ତ ସାଇକେଲ୍ ଥରେମାତ୍ର ବ୍ୟବହାର କରିଥିବେ—ସେ ନିଶ୍ଚୟ ଭାବିବେ ଯେ ତେତେବେଳର ତେତିକ ଦୂରତା ଆଧୁନିକ ସାଇକେଲ୍‌ରେ ଏକଶତ ମାଇଲ ଯିବା ସଙ୍ଗେ ସମାନ ।"

(୨୮ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ଶ୍ରୀ ନବ ପଟ୍ଟନାୟକ

ସିମେଣ୍ଟ

ସିମେଣ୍ଟ କହିଲେ ସମସ୍ତେ ବୁଝନ୍ତି । ଘରର ଚଟାଣରେ, କୋଠାବାଡ଼ି ଛାଅଣିରେ ଯେଉଁ ସିମେଣ୍ଟ ବ୍ୟବହାର କରାଯାଏ । କିନ୍ତୁ ସିମେଣ୍ଟର ଅକ୍ଷରିକ ଅର୍ଥ ଯେଉଁ ଜିନିଷ ଦୁଇଟା ଜିନିଷକୁ ବାନ୍ଧିରଖେ ବା ଧରିରଖେ । ଘର କାମରେ ଯେଉଁ ସିମେଣ୍ଟ ଦରକାର ହୁଏ ତାକୁ ପୋର୍ଟଲାଣ୍ଡ ସିମେଣ୍ଟ (Portland cement) କହନ୍ତି । ଏଇ ସିମେଣ୍ଟ କେବଳ ଗୋଡ଼ି ବାଲିକୁ ଧରିରଖେ । ଏଥିରେ ଏଇ ଜାତୀୟ ଜିନିସ ଛଡ଼ା ଅନ୍ୟ ଜିନିଷ ମିଶିଲେ ଏହାର ଶକ୍ତି ନଷ୍ଟ ହୋଇଯାଏ । ଦୁନିଆରେ ଅନେକ ପ୍ରକାର ସିମେଣ୍ଟର କାରବାର ଦେଖାଯାଏ । ନିମ୍ନରେ କେତେଗୁଡ଼ିଏ ସିମେଣ୍ଟର ଫରମୁଲା ଓ ପ୍ରସେସ୍ ଦିଆଗଲା । ମନେ ରଖିଥିଲେ ଦରକାରବେଳେ କାମରେ ଆସିବ ।

୧—କାଚ ଏବଂ ଚିନାମାଟି ବାସନ ଯୋଡ଼ିବା ସିମେଣ୍ଟ:—
ଗୋନ୍ଦ ଅଠା (Gum Arabic-strong solution.)
୨୫୦ ଅଉନ୍ସରେ ୯୦ ଗ୍ରେନ୍ ଫିଟକିରି (alum) ଦୁଇ ଅଉନ୍ସ ପାଣିରେ ଗୋଳି ମିଶାଅ ଏବଂ ଟୋପେ ବା ଦଶଟୋପା ଗ୍ଲିସେରିନ ଦିଅ । ଏଥିରେ ଭଙ୍ଗା, କାଚ ବାସନ ଭଲରୂପେ ଯୋଡ଼ିହୁଏ ।

୨—ପୋର୍ସିଲେନ ବାସନ ପାଇଁ ଆଉ ଗୋଟିଏ ସିମେଣ୍ଟ—
(କ) ଟାଟକା ଛେନା (cheese) କୁ ସୋଡ଼ା ସିଲିକେଟ୍ (Silicate of soda) ସଙ୍ଗେ ମିଶାଇ ବ୍ୟବହାର କର ।
(ଖ) ଗିଲେଟିନ (Gelatine) — ୧୦୦
୯୬% ଅସେଟିକ୍ ଏସିଡ଼ (acetic acid 96%) —୧୫୦
ସୂକ୍ଷ୍ମ ବିଭକ୍ତ ଅମୋନିୟମ ବାଇକ୍ରୋମେଟ (ammonium bichromate)—୫

ଅନ୍ଧାର ଘରେ ଏହି ମସଲାକୁ ମିଶାଇ ନାଲ ରଙ୍ଗର ବୋତଲରେ ରଖ । ଯୋଡ଼ିବା ସ୍ଥାନରେ ଲଗାଇ ଖରାକୁ ଦେଖାଅ ।

୩—କାଠ ଯୋଡ଼ିବା ସିମେଣ୍ଟ—
କାସିନ (casein) —୩୨
କଲିଚୁନ —୩୧/୨
ଲବଙ୍ଗତେଲ (oil cloves)—୬୦ ଟୋପା
ପାଣି ଆବଶ୍ୟକ ଅନୁଯାୟୀ ମିଶାଇ ବ୍ୟବହାର କର ।

୪—ଶିଂଗ ଯୋଡ଼ିବା ସିମେଣ୍ଟ—
ଆଇସିଂଗ୍ଲାସ (Ising glass) —୧
ଗିଲେଟିନ (Gelatine)—୧
ପାଣିରେ ଭିଜାଇ ରଖ । ଫୁଲିଗଲେ ଅଧିକା ପାଣି ଫୋପାଡ଼ି ଦେଇ ମାଷ୍ଟିକ ଭର୍ନିସ୍ (mastic varnish) ମିଶାଇ ସାମାନ୍ୟ କରି ବ୍ୟବହାର କର ।

୫—କାଠରେ କାଚ ଯୋଡ଼ିବା ସିମେଣ୍ଟ —
ଜିଙ୍କ୍ ହ୍ୱାଇଟ (Zinc white)କୁ କୋପାଲ ଭାରନିସ ସହ ମିଶାଇ କାଠରେ କାଚ ବସାଅ । ଆଲମିରା, ଝରକା ଇତ୍ୟାଦିରେ ଯେଉଁ କାଚ ଲଗାଯାଏ ସେଥିପାଇଁ ଏହା ଦରକାର ।

୬—ଲୁହାରେ ଲୁହା ଯୋଡ଼ିବା ସିମେଣ୍ଟ—
୧ ଭାଗ ଗନ୍ଧକ ସଙ୍ଗେ ୨ ଭାଗ ସାଲଭୋଲାଟାଇଲ (Salvolatile) ଭଲଭାବେ ମିଶାଇ ବୋତଲରେ କର୍କ ବନ୍ଦ କରି ରଖ । ଆବଶ୍ୟକ ସମୟରେ ଏଥିରୁ ଏକ ଭାଗ ସଙ୍ଗେ ୨୦ ଭାଗ ଲୌହଚୂର୍ଣ୍ଣ (Iron filings) ପାଣିରେ ଗୋଳି କେତେ ଟୋପା ଗନ୍ଧକ ଦ୍ରାବକ (sulphuric acid) ମିଶାଇ ବ୍ୟବହାର କର ।

Digitized by srujanika@gmail.com

୭—ଲୁହାରେ କାଚ ଯୋଡ଼ିବା ସିମେଣ୍ଟ —

ଗିଲେଟିନକୁ ପାଣିରେ ଭିଜାଇ ¼ ଭାଗ ଗୁଡ଼ ମିଶାଇ ଭଲ ଭାବେ ଚକଟି ସାମାନ୍ୟ ଗ୍ଲିସେରିନ୍ ମିଶାଅ । ବ୍ୟବହାର ସମୟରେ ଗରମ କରି ଲଗାଅ ।

୮—ରବର ସିମେଣ୍ଟ—

ଝୁଣା (Rosin)—୨ ଆଉନ୍‌ସ

କଞ୍ଚାରବର (Raw Rubber)—୧ ଆଉନ୍‌ସ

କାର୍ବନ ଡାଏସଲଫାଇଡ଼ (Carbon disulphide) —୮ ଆଉନ୍‌ସ

ମହମ (Bees wax)—½ ଆଉନ୍‌ସ ।

କାର୍ବନ ଡ଼ାଏ ସଲଫାଇଡ଼ରେ ରବର ଭିଜାଅ । ଦିନକପରେ ସେଥିରେ ଝୁଣା ଓ ମହମ ମିଶାଇ ବ୍ୟବହାର କର ।

୯—ସେଲୁଲଏଡ ସିମେଣ୍ଟ—

ସେଲୁଲଏଡକୁ (Celluloid—photographic films etc.) ଛୋଟ ଛୋଟ କରି ଅସିଟୋନ(acetone)ରେ ଭିଜାଇ ବ୍ୟବହାର କର ।

୧୦—ମାର୍ବଲ ସିମେଣ୍ଟ—

ପ୍ଲାଷ୍ଟର ପାରିସ (Plaster of Paris)—୩୦

ଲୌହଚୂର୍ଣ୍ଣ (Fine iron dust) —୧୦

ସାଲ୍ ଭୋଲାଟାଇଲ (Sal volatile) ପରିବର୍ତ୍ତେ ନିଶାଦଲକୁ ପରୀକ୍ଷା କରାଯାଇ ପାରେ—୧

ଏ ସମସ୍ତଙ୍କୁ ଅବଶ୍ୟକ ପରିମାଣ ଭିନେଗାର (vinegar)ରେ ଗୋଳି ସାଙ୍ଗେ ସାଙ୍ଗେ ବ୍ୟବହାର କର । ଏଥିରେ ମଧ୍ୟ ପଥର ବାସନ ଯୋଡ଼ା ଯାଇପାରେ ।

—୦—

ଗତସଂଖ୍ୟା ବୁଦ୍ଧିପରୀକ୍ଷା ଉତ୍ତର

୧ । (କ) ନଈମାନେ ଅନବରତ ବହୁ ପରିମାଣରେ ଲୁଣ ସମୁଦ୍ରକୁ ବହି ନିଅନ୍ତି ।

୨ । ବରଗୁଡ଼, ବରଖାସ୍ତ, ବରକୋଳି, ବରଯାତ୍ରୀ, ବରବର୍ଣ୍ଣିନୀ ।

୩ । ଅଣ୍ଡା, ଚମ, ଦୁଆର ।

୪ । ଚପରାଶି, କାରଣ ସେ ତା ବାଁ ପାଖରେ କଟାଇ ନ ଥିଲା ।

୫ । ୧୩—୧୧, ୧୩—୧୨ ।

—୦—

ବୁଦ୍ଧି ପରୀକ୍ଷା

[ତୁମ ବୁଦ୍ଧିର ପ୍ରଖରତା ପରୀକ୍ଷା କରିବା ପାଇଁ ତଳେ କେତେଗୋଟି ପ୍ରଶ୍ନ ଦିଆଯାଇଛି । ସାଧାରଣ ବୁଦ୍ଧିସମ୍ପନ୍ନ ଲୋକ ସେଗୁଡ଼ିକ ୧୦ ମିନିଟ ଭିତରେ ଉତ୍ତର କରିବାର କଥା । ଚେଷ୍ଟା କରି ଦେଖ ।]

୧ । ଜଣେ ବ୍ୟବସାୟୀ ତା ଜିନିଷ ଉପରେ ଠାରଦ୍ୱାରା ମୂଲ୍ୟ ଲେଖିଲା । ଟ ୧୩।୵ ସ୍ଥାନରେ ସେ ଲେଖିଲା AC (e) ଏବଂ ଟ ୪୵ ସ୍ଥାନରେ ଲେଖିଲା D (b) । ଯେଉଁ ଜିନିଷମାନଙ୍କ ଉପରେ ସେ F (a), EB (b), GC (d) ଲେଖିଥିଲା, ସେଗୁଡ଼ିକର ମୂଲ୍ୟ କେତେ ?

୨ । ତଳଲିଖିତ ଜିନିଷଗୁଡ଼ିକୁ ଓଜନ ବଡ଼ୁର କରି କ୍ରମ ଅନୁସାରେ ସଜାଅ ଏବଂ ତା ପରେ ମଝିଟିର ନାମ କହ । ଲୁହା, କର୍କ, ସୀସା, ଶାଗୁଆନ କାଠ, ସୁନା ।

୩ । ୧୩ ଫୁଟ ୮ ଇଞ୍ଚ ଲମ୍ବ ଗୋଟିଏ କାନ୍ଥର ଠିକ ମଝିରେ ଗୋଟିଏ ଦେଢ଼ ଫୁଟ × ଦେଢ଼ ଫୁଟ ଝରକା ଅଛି । କାନ୍ଥର ଠିକ୍ ମଝିରେ ୪ ଫୁଟ ୪ ଇଞ୍ଚ ଲମ୍ବର ଏକ ବ୍ଲାକ୍ ବୋର୍ଡ଼ ଝୁଲା ହେବ । ତା ହେଲେ ବୋର୍ଡ଼ର ପ୍ରତ୍ୟେକ ପାଖରେ କେତେ ସ୍ଥାନ ରହିବ ?

୪ । ମନେକର ତୁମେ ଜଣେ ବିମାନଚାଳକ । ତୁମେ ଦମ୍ ଦମ୍ ବିମାନ ଘାଟିରୁ ବାହାରି ଠିକ୍ ଉତ୍ତରକୁ ୩୦୦ ମାଇଲ ଉଡ଼ିଗଲ, ତା ପରେ ଠିକ୍ ପୂର୍ବକୁ ଘୁରି ୭୦୦ ମାଇଲ ଉଡ଼ିଲ । ପୁଣି ଦକ୍ଷିଣମୁଖୀ ହୋଇ ୩୦୦ ମାଇଲ ଫେରିଲ । ବର୍ତ୍ତମାନ କହିଲ—

କ) ଦମ୍ ଦମ୍ ଘାଟିଠାରୁ ତୁମେ ବର୍ତ୍ତମାନ କେତେ ଦୂରରେ ?

ଖ) କେଉଁ ଦିଗରେ ଉଡ଼ିଲେ ତୁମେ ସେଠାରେ ଚଞ୍ଚଳ ପହଞ୍ଚିବ ?

ଚିହ୍ନ ନ କରି ମନେ ମନେ କର ।

୫ । ଏଥି ଭିତରେ ଜଣେ ଗୋଠଖଣ୍ଡିଆ ଅଛି । ସେ କିଏ ? ବାଲ୍‌ଟି, ମାଠିଆ, ଡେକ୍‌ଚି, କରେଇ, ପିତଳ ହଣ୍ଡା । —୦—

Digitized by srujanika@gmail.com

ଆପଣଙ୍କ ଯାହା ପ୍ରଶ୍ନର ଉତ୍ତର

[୧ । ଗ୍ରାହକ ନମ୍ବର ନ ଦେଲେ ଉତ୍ତର ପାଇବେ ନାହିଁ । ଯେଉଁମାନେ ଏଜେଣ୍ଟଙ୍କଠାରୁ ନିୟମିତ ପତ୍ରିକା କିଣନ୍ତି, ସେମାନେ ଏଜେଣ୍ଟଙ୍କ ନାମସହ ପ୍ରଶ୍ନ ପଠାଇ ପାରିବେ ।

୨ । ଇଂରାଜୀ ମାସର ୨୦ ତାରିଖ ପୂର୍ବରୁ ପ୍ରଶ୍ନଗୁଡ଼ିକ ଆମର ହସ୍ତଗତ ହେବା ଆବଶ୍ୟକ ।

୩ । ଆପଣଙ୍କ ପ୍ରଶ୍ନର ଉତ୍ତର କାହିଁକି ଦିଆ ନ ଗଲା, ତାର କାରଣ ଦର୍ଶାଇବାକୁ ଆମେ ବାଧ୍ୟ ନୋହୁଁ ।

୪ । ପ୍ରଶ୍ନ ସଙ୍ଗେ ଅନ୍ୟ କିଛି ଲେଖିବେ ନାହିଁ ।]

୧ । ଅନନ୍ତ ଚରଣ ମହାନ୍ତି, ବାଲେଶ୍ୱର

ପ୍ର—ECAFE ଏବଂ GATT— ଏ ଦୁଇ ସଙ୍କେତର ପୂରା ଅର୍ଥ କଣ ?

ଉ—ପ୍ରଥମଟି Economic Commission for Asia and Far East, ଓ ଦ୍ୱିତୀୟଟି General Agreement on Trade and Tariff.

୨ । ସୁରେନ୍ଦ୍ର ଚନ୍ଦ୍ର ମଲ୍ଲ, ଛତିପୁର

ପ୍ର—ଶ୍ରୀଯୁକ୍ତ ପନ୍ଥଙ୍କର ସଂକ୍ଷିପ୍ତ ପରିଚୟ ଦେଇ ପାରିବେ କି ?

ଉ—ପରିଚୟ ବିଭାଗରେ ପରେ ଦିଆଯିବ । ବର୍ତ୍ତମାନପାଇଁ ଜାଣନ୍ତୁ ଯେ ସେ କେନ୍ଦ୍ର ମନ୍ତ୍ରୀମଣ୍ଡଳର ମି: କିଦ୍‌ୱାଇଙ୍କ ମୃତ୍ୟୁପରେ ସ୍ୱରାଷ୍ଟ୍ରବିଭାଗର ଦାୟିତ୍ୱ ନେଇଛନ୍ତି । ତା ପୂର୍ବରୁ ସେ ଉତ୍ତର ପ୍ରଦେଶର ମୁଖ୍ୟ ମନ୍ତ୍ରୀ ଥିଲେ । ୧୮୮୭ରେ ଜନ୍ମ—ଆଲ୍ଲାହାବାଦରେ ବିଦ୍ୟାଶିକ୍ଷା କରିଥିଲେ । ଆଇନ ବ୍ୟବସାୟୀ ଥିଲେ । ୧୯୨୧ ରେ ଅସହଯୋଗ ଆନ୍ଦୋଳନରେ ଏବଂ ପରେ କଂଗ୍ରେସର ଅନ୍ୟାନ୍ୟ କାର୍ଯ୍ୟରେ ଭାଗ ନେଇଥିଲେ । ଜଣେ ବିଶିଷ୍ଟ ରାଜନୀତିଜ୍ଞ ।

୩ । ରାମଚନ୍ଦ୍ର ପଣ୍ଡା, ପୁରୀ

ପ୍ର—ରୁଷୀୟ ସୈନ୍ୟବାହିନୀକୁ ଲାଲଫୌଜ (Red Army) କାହିଁକି କୁହାଯାଏ ?

ଉ—ସୋଭିଏଟ୍ ବିଦ୍ରୋହର ଚିହ୍ନ ଥିଲା ଲାଲ ପତାକା । ସେହି ଲାଲ ପତାକା ବ୍ୟବହାର କରୁଥିବାରୁ ସେମାନଙ୍କୁ ଏପରି ବୋଲାଯାଏ । ଏମାନଙ୍କର ସରକାରୀ ନାମ ହେଉଛି—'ଶ୍ରମିକ ଓ କୃଷକମାନଙ୍କର ଲାଲ ଫୌଜ' ।

୪ । ସରସ୍ୱତୀ ଦେବୀ, ସମ୍ବଲପୁର

ପ୍ର—କେଉଁ ଗ୍ୟାସ୍ ସର୍ବାପେକ୍ଷା ହାଲୁକା ଓ କେଉଁ ଗ୍ୟାସ୍ ସବୁଠାରୁ ଭାରୀ ?

ଉ—ହାଇଡ୍ରୋଜେନ ଗ୍ୟାସ ହାଲୁକା ଓ ରେଡନ୍ (Radon) ସର୍ବାପେକ୍ଷା ଭାରୀ ।

୫ । ପ୍ରଶାନ୍ତକୁମାର ମହାପାତ୍ର, ବାରିପଦା

ପ୍ର—ପ୍ଲୀହାର ପ୍ରଧାନ କାର୍ଯ୍ୟ କଣ ?

ଉ—ରକ୍ତକଣିକାଗୁଡ଼ିକର ଭଣ୍ଡାରରୂପେ ଏହା କାର୍ଯ୍ୟ କରେ ।

୬ । ଅକ୍ଷୟକୁମାର ମହାନ୍ତି, ଧାରପୁର

ପ୍ର—ନିମ୍ବ ଦାନ୍ତକାଠିରେ ଦାନ୍ତ ଘଷିବା ସ୍ୱାସ୍ଥ୍ୟ-ଦୃଷ୍ଟିରୁ କେତେଦୂର ଠିକ୍ ?

ଉ—ଏହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବିଜ୍ଞାନସମ୍ମତ । ନିମ୍ବର ପ୍ରତ୍ୟେକ ଅଂଶ ଜୀବାଣୁ ନାଶକରୂପେ ସାବୁନ, ଔଷଧ, ତେଲ, ଟୁଥପେଷ୍ଟ, ମଲମ ଆଦି ଔଷଧରେ ବ୍ୟବହୃତ ହେଉଥିବା ସ୍ଥଳେ ଏହାର ଉପାଦେୟତାରେ ସନ୍ଦେହ କରିବାର କିଛି କାରଣ ନାହିଁ ।

୭ । ମାଧବଚନ୍ଦ୍ର ମିଶ୍ର, ଅନୁଗୁଳ

ପ୍ର—ବ୍ୟାୟାମ କଲାପରେ ଆମ ଦେହରୁ ଝାଳ ବୁହେ କାହିଁକି ?

ଉ—ବ୍ୟାୟାମ କଲେ ଆମ ଦେହ ଖୁବ୍ ଗରମ ହୋଇଯାଏ । ଗରମ ହେବା ଫଳରେ ଦେହର ଜଳୀୟ ଅଂଶ ଚର୍ମବାଟେ ବାହାରି ଯାଏ । ଯେପରି ଉତ୍ତପ୍ତ ପଦାର୍ଥରୁ ଜଳ ବାଷ୍ପ ହୋଇ ବାହାରି ଯାଏ ।

Digitized by srujanika@gmail.com

୮ । ଅତୁଲକୃଷ୍ଣ ପଟ୍ଟନାୟକ, ବାରିପଦା

ପ୍ର—କୀଟ, ପତଙ୍ଗ, ପଶୁ ଓ ପକ୍ଷୀ ଇତ୍ୟାଦିଙ୍କର ଗତି କିପରି ନିର୍ଣ୍ଣୟ କରାଯାଏ ?

ଉ— ଶକ୍ତିଶାଳୀ କାମେରା, ଷ୍ଟପ୍ ଓ୍ୱାଚ୍, ମଟର, ଏରୋପ୍ଲେନ ଓ ଅନ୍ୟାନ୍ୟ ଯନ୍ତ୍ର ସାହାଯ୍ୟରେ ।

୯ । ଗ୍ରା. ନଂ ୧୬୮୭, ଦେବଗଡ଼

ପ୍ର—ଅନେକସମୟରେ ପତ୍ରପତ୍ରିକାର ସମ୍ପାଦକମାନେ ଲେଖନ୍ତି 'ସ୍ଥାନାଭାବରୁ ଅମୁକ ଛପା ହୋଇ ପାରିଲା ନାହିଁ ।' ଦୁଇ ଚାରି ପୃଷ୍ଠା ଅଧିକା ଛପାଇବାର ପ୍ରତିବନ୍ଧକ କଣ ଅଛି କି ?

ଉ— ଅସଲ ପ୍ରତିବନ୍ଧକ ଖର୍ଚ୍ଚ ବଢ଼ିଯିବ । ପତ୍ରିକା ଛପାଇବା ତ ଦାନପୁଣ୍ୟ ନୁହେଁ ।

୧୦ । ଟି. ଏନ୍. ବ୍ରାଉନ୍, ରାଇରଙ୍ଗପୁର

ପ୍ର—କୁକୁଡ଼ାମାନେ ପ୍ରାୟ କେତେ ବର୍ଷ ବଞ୍ଚନ୍ତି ?

ଉ—୨୦ ବର୍ଷ ପର୍ଯ୍ୟନ୍ତ ।

୧୧ । ବିଷ୍ଣୁଚରଣ ଦାସ, କାଶିପୁର

ପ୍ର—ପୃଥିବୀର ବୃହତ୍ତମ ପୁସ୍ତକାଗାରର ନାମ କଣ?

ଉ—ପ୍ୟାରିସ୍ ନଗରୀରେ ଥିବା 'ବିବ୍ଲିଓ ଥେକ୍ ନ୍ୟାସନାଲ୍' ଲାଇବ୍ରେରୀ ପୃଥିବୀରେ ବୃହତ୍ତମ । (ମସ୍କୋର ଲେନିନ ନାସନାଲ ଲାଇବ୍ରେରୀ ୨ୟ ଓ ଲଣ୍ଡନର ବ୍ରିଟିଶ ମିଉଜିୟମ ୩ୟ) ।

୧୨ । ରବିକୁମାର, ହୀରାକୁଦ କଲୋନି

ପ୍ର—ପୁରୁଷ ଓ ସ୍ତ୍ରୀର ସ୍ୱର ମଧ୍ୟରେ ତାରତମ୍ୟ ଦେଖାଯାଏ କାହିଁକି ?

ଉ—ଯୌବନର ପ୍ରାରମ୍ଭରେ କେତେଗୁଡ଼ିଏ Gland ରୁ ରସ କ୍ଷରିତ ହୁଏ । ପୁରୁଷର ଶରୀର ମଧ୍ୟସ୍ଥ ସ୍ୱରଯନ୍ତ୍ର 'Larynx' ଏହିପରି ଏକ ରସଦ୍ୱାରା ଉତ୍ତେଜିତ ହୁଏ ଏବଂ ତା ଫଳରେ ପୁରୁଷର ସ୍ୱର ଫାଟିଯାଏ । ସ୍ତ୍ରୀମାନଙ୍କ ଦେହରେ ଏ ପରିବର୍ତ୍ତନ ଘଟେ ନାହିଁ ତେଣୁ ସେମାନଙ୍କ ସ୍ୱରରେ କୌଣସି ପରିବର୍ତ୍ତନ ଘଟେ ନାହିଁ ।

୧୩ । ସୋମେଶ୍ୱର ଗିରି, ମହୁଲଡିହା

ପ୍ର—ଭାରତର ପ୍ରଥମ ଚଳଚ୍ଚିତ୍ର କିଏ ପ୍ରସ୍ତୁତ କରିଥିଲେ ?

ଉ—୧୯୧୨ ରେ ଦାଦା ସାହେବ ଫାଲ୍‌କେ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ ।

୧୪ । ଧନଞ୍ଜୟ ପଟ୍ଟନାୟକ, ଇନ୍ଦୁପୁର

ପ୍ର—ଦେଶବିଦେଶର ଡାକଟିକଟ ସଂଗ୍ରହ କରିବାକୁ ହେଲେ କେଉଁଠାକୁ ଲେଖିଲେ ମିଳିବ ?

ଉ—ଅନେକ ଗୁଡ଼ିଏ ଫାଇଲେଟାଲିକ କ୍ଲବ ଅଛି । ସେଠାରୁ ମିଳିବ । ଓଡ଼ିଶାରେ 'ଶ୍ରୀ ରଘୁନାଥ ପାଢ଼ୀ ଶର୍ମା, ଜୟମଙ୍ଗଳ ରାଜବାଟୀ, ଟିକାଲି, ଗଞ୍ଜାମ' —ଏହି ଠିକଣାକୁ ଲେଖନ୍ତୁ ।

୧୫ । ଲାଲ ଉପେନ୍ଦ୍ର କିଶୋର ଦେବ, ବିରବିରା

ପ୍ର—ସଂସାରରେ ରାଶିଫଳ ଦେଉ ନାହାନ୍ତି କାହିଁକି ? ବୋଧହୁଏ ଜ୍ୟୋତିଷୀଙ୍କ ଅଭାବ ।

ଉ—ନା, ତା ନୁହେଁ ଯେ, ସଂସାର କର୍ମଫଳରେ ଅଧିକ ବିଶ୍ୱାସ କରେ ।

—o—

ବିଶ୍ୱାସ କର ବା ନ କର

୧ । ଗୋଟିଏ ବୁନ୍ଦା ପାଣିରେ ଯେତେ ପରମାଣୁ ଅଛି, ପୃଥିବୀର ଓଜନ ସେତେ ଟନ, ଅର୍ଥାତ୍— ୬,୬୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦ ଟନ ।

୨ । ଭାରତୀୟ ଡାକବିଭାଗର ଡାକ ଚଳାଚଳ ହେଉଥିବା ରାସ୍ତା ସର୍ବମୋଟ ୧ଲକ୍ଷ ୬୦ ହଜାର ମାଇଲ । ସେଥିରୁ ଅଧିକରୁ ବେଶୀବାଟ ହରକରା ଏବଂ ନୌକା ସାହାଯ୍ୟରେ ଡାକ ଯାଏ ।

୩ । ଭାରତର ନୂତନ ଜଳସେଚନ ଯୋଜନାଗୁଡ଼ିକଦ୍ୱାରା ଦୈନିକ ପ୍ରାୟ ୨୫ ହଜାର ଏକର ଜମି ନୂତନ ଆବାଦ କରା ଯାଉଛି ।

୪ । ୧ଇଞ୍ଚର ୧ହଜାର ଭାଗରୁ ୧ଭାଗ ମୋଟା ବିଶିଷ୍ଟ ୨୦ଲକ୍ଷ ବର୍ଗମାଇଲର ଖଣ୍ଡିଏ କାଗଜ ନେଇ କ୍ରମାନ୍ୱୟରେ ୨୦ଭାଙ୍ଗ କଲେ ତାହା ୮୭ ଫୁଟ ଉଚ୍ଚ ହେବ ଏବଂ ୪୪ ଭାଙ୍ଗ କଲେ ପୃଥିବୀଠାରୁ ଚନ୍ଦ୍ର ପର୍ଯ୍ୟନ୍ତ ଉଚ୍ଚ ହେବ । ଏହାକୁ ୫୩ ଭାଙ୍ଗ କଲେ ଏହାର ଉଚ୍ଚତା ପୃଥିବୀଠାରୁ ସୂର୍ଯ୍ୟ ପର୍ଯ୍ୟନ୍ତ ଅର୍ଥାତ୍ ୯କୋଟି ୩୦ଲକ୍ଷ ମାଇଲ ହେବ ।

—o—

Digitized by srujanika@gmail.com

(୨୩ ପୃଷ୍ଠାର ଅବଶିଷ୍ଟାଂଶ)

ତେର ସପ୍ତାହ ପର୍ଯ୍ୟନ୍ତ ଯୁବକ ପିୟର୍‌ସନ୍ କଠିନ ଅଧ୍ୟବସାୟରେ ଲାଗି ପଡ଼ିଲେ । ସପ୍ତାହରେ ତାଙ୍କୁ ସାଇକେଲ୍‌ରେ ଷାଠିଏ ମାଇଲ ଯିବାକୁ ପଡୁଥିଲା । ଅଧିକନ୍ତୁ ବହୁ ଚିନ୍ତା ପରେ ତାଙ୍କର ଚିନ୍ତାଶୀଳ ଉତ୍ତରଗୁଡ଼ିକୁ ସାବଧାନ ହୋଇ ପଠାଇବାକୁ ହେଉଥିଲା । ଯାହାହେଉ ତାଙ୍କ ଅଧ୍ୟବସାୟ ତାଙ୍କୁ ବିଜୟୀ କରାଇଥିଲା ।

ଅଠରବର୍ଷ ବୟସର ପିଲା ସମ୍ବାଦପତ୍ର-ପରିଚାଳନା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ତଥାପି ସେ 'ଟିଟ୍‌ବିଟ୍‌ସ୍'ର କାର୍ଯ୍ୟାଳୟକୁ ଗଲେ । କିନ୍ତୁ ତାଙ୍କର ଏପରି ଶକ୍ତି ଥିଲା ଯେ ଛଅମାସ ମଧ୍ୟରେ ସେ ବ୍ୟବସାୟରେ ଦକ୍ଷତାରେ ଅନ୍ୟାନ୍ୟ ସମସ୍ତଙ୍କଠାରୁ ବଳିପଡ଼ିଲେ, ଏପରିକି ସେହି ସମୟରେ ପୂର୍ବତନ ପରିଚାଳକଙ୍କ କାର୍ଯ୍ୟକାଳ ପୂରିଯାଉଥିବାରୁ ସେ ତାଙ୍କ ସ୍ଥାନ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ବୋଲି କର୍ତ୍ତୃପକ୍ଷଙ୍କୁ ଜଣାଇଦେଲେ ।

ସମ୍ବାଦପତ୍ରର ମାଲିକ Mr. Newnes ତାଙ୍କ କଥା ଶୁଣି ମନେ ମନେ ହସିବାରେ ଲାଗିଲେ ଏବଂ ବୁଝାଇଲେ, "ଏତେ ବଡ଼ ଏକ ବ୍ୟବସାୟକୁ ଚଳାଇବାକୁ ତୁମ୍ଭପରି ଯୁବକ ଯୋଗ୍ୟତା ହାସଲ କରିଥିବାର ମୁଁ କେଉଁଠାରେ ଦେଖିନାହିଁ !" କିନ୍ତୁ କୌଣସି ନୂତନ ବ୍ୟକ୍ତି ନିଯୁକ୍ତ ନ ହେବାରୁ ପିୟର୍ସନ୍‌ଙ୍କୁ ଅଧିକାଂଶ କାର୍ଯ୍ୟ କରିବାକୁ ପଡ଼ିଲା । ପୁଣି ଛଅମାସ କଟିଗଲା । ପିଅର୍‌ସନ୍‌ଙ୍କ କାର୍ଯ୍ୟକାଳ ଏକ ବର୍ଷ ହୋଇଥାଏ । ବାଧ୍ୟହୋଇ ପିଅର୍‌ସନ୍‌ଙ୍କୁ ତାଙ୍କ ଅଭିଳଷିତ ପରିଚାଳକପଦ ପ୍ରଦତ୍ତ ହେଲା ।

ଛଅବର୍ଷମାତ୍ର ନିଉନ୍‌ସଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରି ସେ ଚବିଶବର୍ଷ ବୟସରେ ବାହାରିଆସିଲେ ଏବଂ ତାଙ୍କ ନିଜର ଏକ ସମ୍ବାଦପତ୍ର ପ୍ରକାଶ କରିବାକୁ ମନସ୍ଥ କଲେ । ତାଙ୍କର ଅସୀମ ସାହସିକ 'Pearson's Weekly' ଆପାତତଃ ସଫଳ ହୋଇ ନଥିଲେହେଁ ତାଙ୍କ ସାହସ ଏବଂ ପ୍ରାଣପାତ ଉଦ୍ୟମହିଁ ତାଙ୍କୁ ଶୀଘ୍ର ଜନପ୍ରିୟ କରାଇଥିଲା ।

ତାଙ୍କୁ ୩୪ ବର୍ଷ ହେବା ସମୟକୁ ତାଙ୍କ ସମ୍ବାଦପତ୍ର ସଫଳତାର ଚରମ ସୀମାରେ ପହଞ୍ଚିଥିଲା । ସେତେବେଳକୁ ତାଙ୍କ ସହଯୋଗୀଗଣ ଏପରି ସୁଶୃଙ୍ଖଳିତ ଓ ସୁପରିଚାଳିତ ହୋଇଯାଇଥିଲେ ଯେ, ପିଅର୍‌ସନ୍‌ଙ୍କୁ ସେଥିରେ ସମୟ ନଷ୍ଟକରିବାକୁ ପଡ଼ିଲା ନାହିଁ । ତେଣୁ ସେ ଯେଉଁ ସ୍ପୋର୍ଟସ୍ ଏବଂ ହବିଜ୍‌କୁ ଭଲ ପାଉଥିଲେ, ସେହିଥିରେ ତାଙ୍କର ସମୟତକ ଉତ୍ସର୍ଗ କଲେ ।

କିନ୍ତୁ ସେ ଏତିକରେ ସନ୍ତୁଷ୍ଟ ରହି ନ ପାରି କିଛି ଗୋଟାଏ ନୂତନ କାର୍ଯ୍ୟ କରିବାକୁ ସର୍ବଦା ଇଚ୍ଛା କରୁଥିଲେ; ଏବଂ ତାଙ୍କର ଅସାଧାରଣ-ଜନ୍ମଗତ-ଅଭିଜ୍ଞତା ଥିବାରୁ ଏକ ବିଶିଷ୍ଟ ଦୈନିକ ସମ୍ବାଦ ପତ୍ର ପ୍ରତିଷ୍ଠା କରିବାକୁ ସ୍ଥିର କଲେ । ଫଳରେ 'Daily Express'ର ଜନ୍ମ ହେଲା । ସେ ସ୍ୱୟଂ ଏହାର ପ୍ରଥମ ସମ୍ପାଦକ ରୂପେ କାର୍ଯ୍ୟ ଚଳାଇଲେ । ଏଥିପାଇଁ–'Pearson's Weekly' ଲାଗି କେତେକ ବର୍ଷ ତଳେ ତାଙ୍କୁ ଯେପରି ପରିଶ୍ରମ କରିବାକୁ ପଡୁଥିଲା—ତତୋଽଧିକ କଠିନ ପରିଶ୍ରମ ଏବଂ ତତୋଽଧିକ ସମୟ ମଧ୍ୟ ତାଙ୍କୁ ଲଗାଇବାକୁ ପଡ଼ିଥିଲା ।

ଦିନ ଗଡ଼ିବା ସଙ୍ଗେ ସଙ୍ଗେ ସେ ମଧ୍ୟ ବହୁତ ସମ୍ବାଦପତ୍ର ତଥା ପତ୍ରପତ୍ରିକା କ୍ରୟ କରି ନିୟନ୍ତ୍ରଣ କରିଥିଲେ; କେତେକ ମଧ୍ୟ ପ୍ରତିଷ୍ଠା କରିଥିଲେ । ଏହିପରି ଭାବରେ ସେ ଦେଶର ସମ୍ବାଦ ପତ୍ର-ସ୍ୱତ୍ୱାଧିକାରୀମାନଙ୍କ ମଧ୍ୟରେ ଅନ୍ୟତମ ହୋଇ ଉଠିଲେ ।

ତାଙ୍କ ନାମ ପ୍ରତି ଲୋକଙ୍କର ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କାହିଁକି ଉଦୟ ହୋଇଛି—ତାହାର କାରଣ କେବଳ ଏତିକି ନୁହେଁ । ବାରାନ୍ତରେ ଅନ୍ୟାନ୍ୟ ଆଲୋଚନା କରିବାର ବାସନା ରହିଲା ।

Digitized by srujanika@gmail.com

ପିଲାଙ୍କ ଘରକୋଣ

ସ୍ନେହର ଭାଇ ଓ ଭଉଣୀମାନେ,

ପ୍ରଥମେ ଏ ମାସରେ ଆମ କ୍ଷୁଦ୍ର ପରିବାରରେ ଯେଉଁ ନୂତନ ସଭ୍ୟମାନେ ଯୋଗ ଦେଇଅଛନ୍ତି ସେମାନଙ୍କ ନାମ ଲେଖିଦେଏଁ — ପ୍ରତ୍ୟେକଙ୍କ ନମ୍ବର ନାମର ବାଁରେ ଦିଆ ଯାଇଛି ।

ନୂତନ ସଭ୍ୟ

୩୨ । ଶ୍ରୀ ବିଶ୍ୱନାଥ ପଟ୍ଟନାୟକ, C/o ଶ୍ରୀ ବାୟା ବାବା, ଶ୍ରୀ ନୃସିଂହଟିକିଲି ମଠ, କେନ୍ଦ୍ରାପଡ଼ା, କଟକ ; ୩୩ । ଶ୍ରୀ ମଧୁସୂଦନ ପ୍ରଧାନ, ପୁରୀ ଜିଲ୍ଲା ସ୍କୁଲ, ପୁରୀ; ୩୪ । ଶ୍ରୀ କୈଳାଶଚନ୍ଦ୍ର ମିଶ୍ର, ପୁରୀ ଜିଲ୍ଲାସ୍କୁଲ, ପୁରୀ ; ୩୫ । ଶ୍ରୀମତୀ ସରୋଜିନୀ ଦେବୀ, C/o ଶ୍ରୀଚରଣ ପାତ୍ର କୋଇଲେ, ଅସୁରେଶ୍ୱର, କଟକ; ୩୬ । ଶ୍ରୀ ତାରକଚନ୍ଦ୍ର ସିଂହ, ପୁରୀ ଜିଲ୍ଲାସ୍କୁଲ, ପୁରୀ; ୩୭ । ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, C/o ଜୟନ୍ତୀ ଷ୍ଟୋର, ପୁରୀ ; ୩୮ । ଶ୍ରୀମତୀ ଲକ୍ଷ୍ମୀକୁମାରୀ ପ୍ରଧାନ, ୫ମ ଶ୍ରେଣୀ, କଇଁସାରି ଉ. ପ୍ରା. ସ୍କୁଲ, ପୋ· ଉଦଳା, ମୟୂରଭଞ୍ଜ ; ୩୯ । ଶ୍ରୀ ଶକ୍ତିକୁମାର ପରିଚ୍ଛା C/o ଆର୍. କେ. ପରିଚ୍ଛା, ଡେପୁଟୀ ଏସ୍. ପି, ଭଦ୍ରଖ, ବାଲେଶ୍ୱର ; ୪୦ । ଶ୍ରୀ ନରହରି ଅଧିକାରୀ, ଆଙ୍ଗସ୍ ଲାଇନ, ହୁଗୁଲୀ; ୪୧ । ଶ୍ରୀ ରମେଶଚନ୍ଦ୍ର ମାହାନ୍ତି, ସାନ କେରକୋ ମି· ଇ· ସ୍କୁଲ, ପୋ: ସାନକେରକୋ, ମୟୂରଭଞ୍ଜ ।

ଗତ ମାସ ପ୍ରତିଯୋଗିତାର ଫଳାଫଳ

ଗତ ମାସରେ ଯେଉଁ ପ୍ରଶ୍ନ ଦିଆ ଯାଇଥିଲା, ସେଗୁଡ଼ିକର ଉତ୍ତର ସେତେ ସନ୍ତୋଷଜନକ ହୋଇ ନାହିଁ । ଅନେକ ଜଣାଶୁଣା କଥା ତୁମ୍ଭେମାନେ ଛାଡ଼ି ଯାଇଛ । ଗୋଟିଏ ଉଦାହରଣ ଦିଏଁ । ପ୍ରଶ୍ନ ଥିଲା କଅଣ ଦେଖିଲେ ହସମାଡ଼େ । ସାଧାରଣତଃ ପତ୍ରପତ୍ରିକାରେ ଥିବା ବ୍ୟଙ୍ଗ ଚିତ୍ର (cartoon) ଦେଖିଲେ ହସ ମାଡେ କିନ୍ତୁ ଏ ବିଷୟ କେବଳ ଜଣେମାତ୍ର ଲେଖିଛନ୍ତି । ମୋଟ ନମ୍ବର ୨୦ ମଧ୍ୟରୁ ପ୍ରଥମ ୧୦ ନମ୍ବର, ଦ୍ୱିତୀୟ ୯୮ ଓ ତୃତୀୟ ୯ ନମ୍ବର ପାଇଛନ୍ତି । ସୁତରାଂ ଏ ମାସର ପୁରସ୍କାର ଏଇମାନେ ପାଇବେ ।

ଶ୍ରୀ ସୁରେନ୍ଦ୍ରଚନ୍ଦ୍ର ମଲ୍ଲ (ନଂ ୩୧) ପ୍ରଥମ ପୁରସ୍କାର
ଶ୍ରୀ ଦେବେନ୍ଦ୍ର ଗୁପ୍ତ (ନଂ ୨୪) ଦ୍ୱିତୀୟ „
ଶ୍ରୀ ପ୍ରାଣକୃଷ୍ଣ ରଥ (ନଂ ୪) ତୃତୀୟ „

ଆସନ୍ତା ମାସପାଇଁ ପ୍ରତିଯୋଗିତା

ଏଗୁଡ଼ିକର ସର୍ବୋତ୍କୃଷ୍ଟ ଉତ୍ତର ଦିଅ — କଏ ଓ କଣ ?

୧ । ଖରାଦିନେ ଥଣ୍ଡା କିନ୍ତୁ ଶୀତଦିନେ ଉଷୁମ, କଣ ?
୨ । ଦେଖିଲେ ପ୍ରଚୁର ଅଛି କିନ୍ତୁ ଖୋଜିଲେ ମିଳେ ନାହିଁ, କଣ ?
୩ । ଦେଖିବାକୁ ଯେତିକି ସୁନ୍ଦର, ସେତିକି ଭୟଙ୍କର ।
୪ । ଖୁବ୍ କ୍ଷୁଦ୍ର, ହେଲେହେଁ ମହାଶକ୍ତିଶାଳୀ—କଏ ?
୫ । ଆକାରରେ ଏକାପରି ଗୋଲ, ଅଥଚ ଅସଂଖ୍ୟ ପ୍ରକାର — କଣ ?
୬ । ନିଜେ ଖାଏ ମାଟି, ଖୁଆଏ ଅମୃତ, କଏ ?
୭ । ଯେତିକି କଷ୍ଟଦାୟକ, ସେତିକି ଆନନ୍ଦପ୍ରଦ କଣ ?
୮ । ପାଟିକରି ଆସେ, ଚୁପ୍ ହୋଇ ଚାଲିଯାଏ କଏ ?
୯ । ଖୁବ୍ ଉଜ୍ଜ୍ୱଳ ଅଥଚ ଚାହିଁଲେ କିଛି ଦିଶେ ନାହିଁ ।
୧୦ । ସବୁ ଖାଇଲେ ପାଟି ଅଇଁଠା, କିନ୍ତୁ ତାକୁ ଖାଇଲେ ପାଟି ସଫା — କଣ ?

ନିୟମାବଳୀ—ପ୍ରତିଯୋଗିତାର ନିୟମ ପୂର୍ବରୁ ପ୍ରକାଶ ପାଇଛି । ପ୍ରତିମାସରେ ବିଜୟୀଙ୍କୁ ୩ଟି ପୁରସ୍କାର ଦିଆଯାଉଛି । ପ୍ରଥମର ମୂଲ୍ୟ ଟ ୨୲, ୨ୟ ଟ ୧୲ ଓ ୩ୟ ଟ ୧୵; କେବଳ ଥରେ ଟ୦୵ ଦେଇ ଆମ ଦଳର ସଭ୍ୟ ହେଲେ, ବର୍ଷ ପୂରିବା ଯାଏ ପ୍ରତିଯୋଗିତାରେ ଭାଗ ନେଇ ପାରିବ । ସମସ୍ତ ବିଷୟରେ ସମ୍ପାଦକଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।

ପତ୍ରବନ୍ଧୁ—ତୁମ୍ଭମାନଙ୍କ ଭିତରୁ କେତେକ ପତ୍ରବନ୍ଧୁ ପାଇବା ପାଇବା ପାଇଁ ଲେଖିଛ । ବାଳକମାନେ ବାଳକ ବନ୍ଧୁ ଏବଂ ବାଳିକାମାନେ ବାଳିକା ବନ୍ଧୁଙ୍କ ସଙ୍ଗେ ପତ୍ରବିନିମୟ କର ।

ଏଥର ଏତିକି । ପୁଣି ମାସକ ପରେ । ଜୟହିନ୍ଦ୍ ।

ତୁମର
ସୁନ୍ଦର ଭାଇ

Digitized by srujanika@gmail.com



ଓଡ଼ିଶା ଖବର

ତା ୮।୫—ଉତ୍କଳ ବିଶ୍ୱବିଦ୍ୟାଳୟର ଆଇ.ଏ., ଆଇ. ଏସ୍‌ସି., ବି.ଏ., ବି.ଏସ୍‌ସି, ଫଳ ପ୍ରକାଶ ପାଇଲା ।

ତା ୧୮—ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନ ବ୍ରହ୍ମପୁରଠାରେ ତା୯ରିଖରେ ଆରମ୍ଭ ହେଲା । ଏଥିରେ ପଣ୍ଡିତ ନେହେରୁ, କଂଗ୍ରେସ ସଭାପତି ଶ୍ରୀ ୟୁ.ଏନ୍. ଧେବର ଏବଂ ଭାରତର ବହୁ ବିଶିଷ୍ଟ ଲୋକ ଯୋଗ ଦେଇଥିଲେ । ଏତଦୁପଲକ୍ଷେ ସେଠାରେ ଗୋଟିଏ ଶିଳ୍ପ ପ୍ରଦର୍ଶନୀ ଖୋଲାଯାଇଥିଲା ଏବଂ କେନ୍ଦ୍ର ବେତାର ବିଭାଗ ମନ୍ତ୍ରୀ ତାହା ତା୮ରିଖରେ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀ ତା ୧୭।୫।୫୫ ଯାଏ ଖୋଲା ରହିଥିଲା ।

—ଡାଃ ଏସ୍. ଏନ୍. ଗନ୍ତାୟତ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ଡିରେକ୍ଟର ନିଯୁକ୍ତ ହେଲେ ।

ତା ୨୦—ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦରୁ ଅବ୍ୟାହତି ନେବାର ସମ୍ଭାବନା ଅଛି ।

—ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଓଡ଼ିଶାରେ ୬୦ରୁ ୭୫ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟିତ ହେବ ।

ତା ୨୭—କଟକ ମ୍ୟୁନିସିପାଲିଟିର ନିର୍ବାଚନ ଆସନ୍ତା ସେପ୍ଟେମ୍ବର ମାସରେ ହେବ ବୋଲି ଜଣାଯାଇଛି ।

ତା ୨୮—ନିଖିଳ ଭାରତ ଶିକ୍ଷକ ଫେଡେରେସନ ଦ୍ୱିତୀୟ ବାର୍ଷିକ ଅଧିବେଶନ ପୁରୀଠାରେ ଆରମ୍ଭ ହେଲା ।

ଭାରତ ଖବର

ତା ୩।୫— ଆଗାମୀ ଜୁଲାଇ ପହିଲାଠାରୁ ଭାରତରେ ଥିବା ଇମ୍ପିରିଆଲ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କରେ ପରିଣତ ହେବ ।

ତା ୧୪— ଭାରତ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁ ଓ ପାକିସ୍ଥାନ ପ୍ରଧାନ ମନ୍ତ୍ରୀ ମହମ୍ମଦ ଆଲିଙ୍କ ମଧ୍ୟରେ କାଶ୍ମୀର ଆଲୋଚନା ଆରମ୍ଭ ହେଲା ।

ତା ୧୫— ଭାରତ ଦେଶରକ୍ଷା ବାହିନୀର ସର୍ବୋଚ୍ଚ ସେନାପତି ଜେନେରାଲ ରାଜେନ୍ଦ୍ର ସିଂହଜୀ ଅବସର ନେବାରୁ ଜେନେରାଲ ଶ୍ରୀନାଗେଶ ଉକ୍ତ ଦାୟିତ୍ୱ ଗ୍ରହଣ କଲେ ।

ତା ୧୯— ୧୯୫୭ ମସିହା ପ୍ରାରମ୍ଭରେ ଭାରତର ସାଧାରଣ ନିର୍ବାଚନ ହେବ ।

ତା ୨୦— ଭାରତ ସରକାରଙ୍କ ୧୯୫୫ର ହିନ୍ଦୁ ବିବାହ ବିଲ ରାଷ୍ଟ୍ରପତିଙ୍କ ମଞ୍ଜୁରି ପାଇଲା ।

ତା ୨୪— ଜଣାଯାଇଛି ଯେ ଆସନ୍ତା ଜାତୀୟ କଂଗ୍ରେସର ସାଧାରଣ ଅଧିବେଶନ ପଞ୍ଜାବର ଅମୃତସର ନିକଟରେ ହେବ ।

ବିଦେଶ ଖବର

ତା ୪।୫—ଭାରତ ଓ ସିଂହଳ ମଧ୍ୟରେ ଚାଲିଥିବା ଭାରତୀୟମାନଙ୍କୁ ନାଗରିକ ଅଧିକାର ଦେବା ଆଲୋଚନା ନିଷ୍ଫଳ ହେଲା ।

ତା୭—ଇଂଲଣ୍ଡର ରାଣୀ ଦ୍ୱିତୀୟ ଏଲିଜାବେଥ୍ ନିର୍ବାଚନ ନିମନ୍ତେ ବ୍ରିଟିସ ପାର୍ଲାମେଣ୍ଟ ଭାଙ୍ଗିଦେଲେ ।

ତା୧୩— ମିଃ ଭାଓପାନ ଗ୍ରୋଞ୍ଜ ଇଟାଲୀର ନୂଆ ପ୍ରେସିଡେଣ୍ଟ ନିର୍ବାଚିତ ହେଲେ ।

Digitized by srujanika@gmail.com

ବଡ଼ ମଣିଷଙ୍କ ଜୀବନର ଛୋଟ ଛୋଟ ଘଟଣା

ଶ୍ରୀ ଦଲ୍ଲୀପ ମିଶ୍ର

ଥରେ ଜଣେ ବିଖ୍ୟାତ ବୈଜ୍ଞାନିକ ଗୋଟିଏ ବୃହତ୍ ନଗରୀକୁ ଆସିଥିଲେ କେତୋଟି ଭାଷଣ ଦେବା-ପାଇଁ । ତାଙ୍କର ଜଣେ ସେକ୍ରେଟେରୀ ସାହାଯ୍ୟକାରୀ ଥାଆନ୍ତି । ବୈଜ୍ଞାନିକ ଆଗରୁ ବ୍ୟବସ୍ଥା ହୋଇଥିବା ଗୋଟିଏ ବଡ଼ ହୋଟେଲରେ ରହିଲେ । ତାଙ୍କୁ ସାକ୍ଷାତ୍ କରିବାକୁ ଏତେ ଭିଡ଼ ହେଲା ଯେ ତାଙ୍କ ସାହାଯ୍ୟକାରୀଙ୍କୁ ପ୍ରତ୍ୟେକଙ୍କ ସଙ୍ଗେ ସାକ୍ଷାତ୍ କରିବାର ସମୟ ନିର୍ଦ୍ଧାରଣ କରିବାକୁ ପଡ଼ିଲା ।

ଦିନେ ସମସ୍ତ ସାକ୍ଷାତ୍ କରସାରି ଯିବାପରେ ଜଣେ ବ୍ୟକ୍ତି ଏକାକୀ ଆସିଲେ । ସେକ୍ରେଟେରୀ ତାଙ୍କୁ ନେଇ ବୈଜ୍ଞାନିକଙ୍କ ପାଖେ ପରିଚୟ କରାଇ ଦେଇ ଆସିଲେ । କଥାବାର୍ତ୍ତା ସାରି ବୈଜ୍ଞାନିକ ମହାଶୟ ଭଦ୍ରବ୍ୟକ୍ତିଙ୍କୁ ବିଦାଇ ଦେବାପାଇଁ ରାଜପଥ ନିକଟସ୍ଥ ଟାକ୍‌ସି ଷ୍ଟାଣ୍ଡକୁ ଗଲେ । ସେଠାରୁ ଯେତେବେଳେ ସେ ଫେରନ୍ତି, ସେତେବେଳେ ସେ ଆଉ ନିଜେ ରହିଥିବା ହୋଟେଲଟି ଚିହ୍ନି ପାରିଲେ ନାହିଁ । ସେ କିଛି ଦୂରରେ ଥିବା ଗୋଟିଏ କାଫେରେ ବସି ନିରସ ମନରେ କଫି ପିଇବାକୁ ଲାଗିଲେ । ସେହି ସମୟରେ ଜଣେ ଭଦ୍ରବ୍ୟକ୍ତି ଆସି ତାଙ୍କ ସମ୍ମୁଖରେ ବସି, ତାଙ୍କୁ ପ୍ରଶ୍ନକଲେ, "ମହାଶୟ, ମୁଁ ଆପଣଙ୍କୁ କେଉଁଠାରେ ଦେଖିଲପରି ମନେ ହେଉଛି ।" ବୈଜ୍ଞାନିକ ନିଜର ପରିଚୟ ଜଣାଇ ଦେଲେ । ଭଦ୍ରବ୍ୟକ୍ତି ଅଳ୍ପ ହସି ଏବଂ ମୁଖରେ ବିସ୍ମୟର ଭାବ ଫୁଟାଇ କହିଲେ, "ମୁଁ ଆପଣଙ୍କ ଛବି ସମ୍ବାଦପତ୍ରରେ ଏତେଥର ଦେଖିଛି ଯେ, ଭାବିଲି ଆପଣଙ୍କୁ କେଉଁଠାରେ ଦେଖିଛି ।" ତାପରେ ସେ ବୈଜ୍ଞାନିକ ସେଠାରେ ଏପରି ନିରାଶ ହୋଇ ବସିଥିବାର କାରଣ ପଚାରିଲେ । ବୈଜ୍ଞାନିକ ନିଜର ଅବସ୍ଥା ଦର୍ଶାଇଲେ । ଭଦ୍ରବ୍ୟକ୍ତି ତାଙ୍କୁ ହୋଟେଲର ନାମ ଏବଂ କେବିନ୍ ନମ୍ବର ପଚାରିଲେ । ବୈଜ୍ଞାନିକ ଉତ୍ତର ଦେଲେ, "ମୁଁ ଯଦି ଏ ସବୁ ମନେ ରଖୁଥାନ୍ତି, ତେବେ ଆଉ ଗୋଟିଏ ସେକ୍ରେଟେରୀ ପୋଷନ୍ତି କାହିଁକି ?" ଭଦ୍ରଲୋକ ସଙ୍ଗେ ସଙ୍ଗେ କାଫେର ପରିଚାଳକଙ୍କଠାରୁ ଫୋନ ମାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଫୋନ କଲେ; କାରଣ ସେମାନେ ବୈଜ୍ଞାନିକଙ୍କର ଭାଷଣର ବନ୍ଦୋବସ୍ତ କରୁଛନ୍ତି ଏବଂ ଠିକଣା ମଧ୍ୟ ଜାଣିଥିବେ । ଅଳ୍ପ ସମୟ ପରେ ବିଶ୍ୱବିଦ୍ୟାଳୟଠାରୁ ଠିକଣା ପାଇ ଭଦ୍ର-ବ୍ୟକ୍ତିଟି ଫେରିଆସି ବୈଜ୍ଞାନିକଙ୍କୁ ସଙ୍ଗରେ ଧରି କାଫେରୁ ବାହାରି ଗଲେ । ଅତି ଆଶ୍ଚର୍ଯ୍ୟର ବିଷୟ ସେ କାଫେରୁ ବାହାରି ଅଳ୍ପ କେତେ ପାହୁଣ୍ଡ ମାତ୍ର ଯିବାପରେ ସେମାନେ ଉକ୍ତ ହୋଟେଲରେ ପହଞ୍ଚିଲେ । ହୋଟେଲଟି କାଫେର ଠିକ୍ ଅପର ପାର୍ଶ୍ୱରେ ଥିଲା । ଏହି ବୈଜ୍ଞାନିକଙ୍କ ନାମ ଆଲବର୍ଟ ଆଇନ୍ ଷ୍ଟାଇନ୍ । ଏହି ବିଶ୍ୱବିଖ୍ୟାତ ବୈଜ୍ଞାନିକ ଦିନେ ଦୁଇ ପାହୁଣ୍ଡ ଦୂରରେ ଥିବା ନିଜର ହୋଟେଲ ମଧ୍ୟ ଖୋଜି ପାଇ ପାରି ନ ଥିଲେ ।

[ଅପ୍ରେଲ ୨୪ ତାରିଖର A.B. Patrikaରେ ପ୍ରକାଶିତ Wandering in the streets ଗଳ୍ପର ମର୍ମାନୁବାଦ]

—୦—

ତା ୧୫—ଦ୍ୱିତୀୟ ମହାଯୁଦ୍ଧଠାରୁ ଊର୍ଦ୍ଧ୍ୱ ୧୭ ବର୍ଷ ଧରି ପରାଧୀନ ଥିବା ଅଷ୍ଟ୍ରିୟା ସ୍ୱାଧୀନତା ପାଇଲା ।

ତା ୨୭ — ରୁଷିଆର ପ୍ରଧାନମନ୍ତ୍ରୀ ମାର୍ଶାଲ ବୁଲଗାନିନ, ଦେଶରକ୍ଷା ମନ୍ତ୍ରୀ, ସହକାରୀ ପ୍ରଧାନମନ୍ତ୍ରୀ ଓ କମ୍ୟୁନିଷ୍ଟ ପାର୍ଟି ସେକ୍ରେଟେରୀ ନିକିତା କ୍ରୁଷ୍ଚେଭ ପ୍ରମୁଖ ଯୁଗୋସ୍ଲାଭିଆ ପରିଦର୍ଶନରେ ଯାଇଛନ୍ତି ।

ତା ୨୮— ବିଲାତର ସାଧାରଣ ନିର୍ବାଚନ ତା୨୬ ରିଖରେ ଆରମ୍ଭ ହୋଇ ଆଜ ଶେଷ ହେଲା । ଏଥିରେ ୬୩୦ଟି ନିର୍ବାଚନ ମଣ୍ଡଳୀରେ ୧୪୦୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଉକ୍ତ ନିର୍ବାଚନରେ କାଠଦଳ ସଂଖ୍ୟାଗରିଷ୍ଠ ହୋଇଛନ୍ତି । ଏଥିମଧ୍ୟରେ ମିଃ ଆନ୍ଥୋନି ଇଡେନ ତାଙ୍କର ନୂଆ ମନ୍ତ୍ରୀମଣ୍ଡଳ ଗଠନ କରୁଛନ୍ତି ।

—୦—

Digitized by srujanika@gmail.com

ଖେଳ-କୌତୁକ

୧ । ମେ ୮ ତାରିଖରେ ଯେଉଁ 'ବାଇଟନ କପ୍' ହକି ପ୍ରତିଯୋଗିତାର ଫାଇନାଲ ଉତ୍ତର ପ୍ରଦେଶ ଏକାଦଶ ଏବଂ ୱେଷ୍ଟର୍ଣ୍ଣ ରେଲୱେ୍ ମଧ୍ୟରେ ହୋଇ-ଥିଲା, ସେଥିରେ ଉଭୟେ 0 ଗୋଲରେ ଚାମ୍ପିଆନସିପ୍ ପାଇଲେ । ଉକ୍ତ କପ୍‌କୁ ପ୍ରତ୍ୟେକେ ଛଅ ମାସ ଲେଖାଏଁ ନିଜ ପାଖରେ ରଖିବେ ।

୨ । ଆସିଆନ ଭଲିବଲ ଚାମ୍ପିଆନ୍ ସିପ୍ ପ୍ରତି-ଯୋଗିତାରେ ଭାରତ ଜାପାନକୁ ୩ଟି ଖେଳରେ ପରାଜିତ କରି ଚାମ୍ପିଆନ୍ ସିପ୍ ପାଇଲା । ଏହି ଖେଳ ଜାପାନର ଟୋକିଓଠାରେ ହୋଇଥିଲା ।

୩ । ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଓ ଅଷ୍ଟ୍ରେଲିଆ ମଧ୍ୟରେ ମେ ତା ୧୮ ରିଖରେ ହୋଇଥିବା କ୍ରିକେଟ ପ୍ରତିଯୋଗିତାରେ ପୂ. ଭା. ଦ୍ୱୀପପୁଞ୍ଜ ପୃଥିବୀର ଗୋଟିଏ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଏହା ୫୩ ବର୍ଷ ପୂର୍ବେ ଅର୍ଥାତ୍ ୧୯୦୨ରେ କେ. ଏସ୍. ରଣଜିତ୍ ସିଂହଙ୍କ ଦ୍ୱାରା ସୃଷ୍ଟ ରେକର୍ଡ଼କୁ ଟପିଯାଇଛି ।

ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ୬ ଉଇକେଟ୍‌ରେ ୪୯୪ଟି ସ୍କୋର କରି ଅଷ୍ଟ୍ରେଲିଆର ୬୬୮ଟିକୁ ପ୍ରତିରୋଧ କରି ୩୪୮ଟି ରନ୍ କରିଛନ୍ତି । ୧୯୦୨ରେ ଉକ୍ତ ରେକର୍ଡ ଥିଲା ୭ମ ଉଇକେଟ୍‌ରେ ୩୪୪ ରନ୍ ।

୪ । ଭାରତର ଛଅଜଣ ବିଶିଷ୍ଟ ବ୍ୟାଡ଼ମିଣ୍ଟନ ଖେଳାଳୀ ସିଙ୍ଗାପୁରଠାରେ ହେଉଥିବା ଥମସ୍‌କପ୍ ପ୍ରତିଯୋଗିତାର ଜୋନ୍ ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକାସହ ଖେଳିବାପାଇଁ ଯାଇଛନ୍ତି । ଭାରତ ବର୍ତ୍ତମାନପର୍ଯ୍ୟନ୍ତ ୬-୩ରେ ଯୁକ୍ତରାଷ୍ଟ୍ରକୁ ପରାସ୍ତ କରିଛି ।

ଦରକାର ବେଳେ କର୍ମରେ ଆସିବ

୧ । ମଫସଲ ଅଞ୍ଚଳରେ ଲୋକ ବିଦ୍ୟାପୀଠ—

ଭାରତ ସରକାରଙ୍କ ଶିକ୍ଷାବିଭାଗ ଦେଶରେ ଶିକ୍ଷାପ୍ରଣାଳୀ କିପରି ହେବା ଦରକାର ତାହା ସୁପାରିଶ କରିବା ପାଇଁ ଗୋଟିଏ ବିଶେଷଜ୍ଞ କମିଟି ନିଯୁକ୍ତ କରିଥିଲେ । ଉକ୍ତ କମିଟିର ସୁପାରିସ ମତେ ମଫସଲ ଅଞ୍ଚଳରେ ଲୋକ ବିଦ୍ୟାପୀଠ ନାମରେ ବୈଷୟିକ ଶିକ୍ଷାନୁଷ୍ଠାନମାନ ସ୍ଥାପିତ ହେବ । ଡେନ-ମାର୍କର ଗ୍ରାମ୍ୟ ହାଇସ୍କୁଲଗୁଡ଼ିକ ପରି ଉକ୍ତ ବିଦ୍ୟା-ପୀଠଗୁଡିକ ହେବ । ଉକ୍ତ ବିଦ୍ୟାପୀଠରେ ସହଯୋଗ, ଗ୍ରାମ୍ୟ ଶିଳ୍ପ ଏବଂ ଶ୍ରମ ସମ୍ବନ୍ଧରେ ଶିକ୍ଷା ଦିଆହେବ ।

୨ । କଲିକତା ବିଶ୍ୱବିଦ୍ୟାଳୟର ଭୂଗୋଳ ଅଧ୍ୟାପକ ଏସ୍.ପି. ଚାଟର୍ଜି ଭାରତର ଗୋଟିଏ ଜାତୀୟ ମାନଚିତ୍ର ପୁସ୍ତକ (National Atlas of India) ତିଆରି କରିବା ଭାର ଗ୍ରହଣ କରିଛନ୍ତି । ତାଙ୍କୁ ଏଥିରେ ସାହାଯ୍ୟ କରିବା ପାଇଁ ଭାରତ ସରକାରଙ୍କ ପ୍ରାକୃତିକ ଗବେଷଣା ଓ ବୈଜ୍ଞାନିକ ଗବେଷଣା ବିଭାଗ ପରାମର୍ଶଦାତା ବୋର୍ଡ ଗଠନ କରିଛନ୍ତି ।

୩ । ଭାରତରେ ହେଉଥିବା ଧନ୍ଦା, ଲଟେରୀ ପ୍ରଭୃତି ଉପରେ କଟକଣା ଜାରି କରିବାପାଇଁ ଭାରତ ସରକାର ରାଜ୍ୟ ସରକାରଙ୍କ ମତାମତ ପଚାରିଛନ୍ତି । ଆଉ ମଧ୍ୟ ପୁରସ୍କାରର ପରିମାଣ ଟ୧୦୦୦୲ରୁ ଅଧିକ ନ ହେବା ପାଇଁ ପରିକଳ୍ପନା କରାଯାଉଛି ।

୪ । ମାନ୍ଦ୍ରାଜ ସରକାର ଏ ବର୍ଷଠାରୁ ବାର୍ଷିକ ଟ୧୨୦୦୲ରୁ କମ୍ ଆୟ କରୁଥିବା ବ୍ୟକ୍ତିଙ୍କୁ ଗରିବ ଶ୍ରେଣୀଭୁକ୍ତ କରି ତାଙ୍କ ପିଲାମାନଙ୍କୁ ମିଡ଼ଲ ସ୍କୁଲ ଶେଷଯାଏ ଅବୈତନିକ ଶିକ୍ଷାର ବ୍ୟବସ୍ଥା କରୁଛନ୍ତି ।

ପୁସ୍ତକ ପରିଚୟ

ବିଦ୍ୟାବିନୋଦ ମଧୁସୂଦନ— ଲେଖକ ଶ୍ରୀ ଉଗ୍ରସେନ ଦାଶ, ଡ. କ୍ରାଉନ ୧୬ ପେଜ ୬୦ ପୃଷ୍ଠା, ମୂଲ୍ୟ ବାରଅଣା ।

ଏହି ପୁସ୍ତକଟିରେ ଲେଖକ 'ବିଦ୍ୟାବିନୋଦ ମଧୁସୂଦନ'ଙ୍କର ସଂକ୍ଷିପ୍ତ ଜୀବନୀ ଲିପିବଦ୍ଧ କରିଅଛନ୍ତି । ମଧୁବାବୁଙ୍କ ପରି ଜଣେ ବିଶିଷ୍ଟ କର୍ମବୀର ଓ ବିଦ୍ୱାନ୍ ବ୍ୟକ୍ତିଙ୍କର ଜୀବନୀ ବାସ୍ତବିକ ଓଡ଼ିଆରେ ଲିଖିତ ହୋଇ ନ ଥିଲା । ତେଣୁ ପରବର୍ତ୍ତୀ ଯୁଗର ଉତ୍କଳୀୟ-ମାନେ ତାଙ୍କ କଥା କିଛି ଜାଣିପାରୁ ନଥିଲେ । ଲେଖକ ତାଙ୍କ 'ଗୁରୁଦେବ'ଙ୍କର ଜୀବନଚରିତ ସଙ୍କଳନ କରି କେବଳ ନିଜର କର୍ତ୍ତବ୍ୟ ସମ୍ପାଦନ କରିନାହାନ୍ତି, ଉତ୍କଳ ସାହିତ୍ୟଭଣ୍ଡାରରେ ଗୋଟିଏ ବିଶେଷ ଅଭାବ ପୂରଣ କରି ଓଡ଼ିଶାବାସୀଙ୍କର ଧନ୍ୟବାଦାର୍ହ ହୋଇଅଛନ୍ତି ।

Prited & Published by Sri R. K. Nanda B. A. D. Ed. at the Parijat Press, Telengabazar, Cuttack-1—1955

Digitized by srujanika@gmail.com

ଭୃଙ୍ଗ ସାଗର

ମେଲୋନ୍

ଇଲେକଟ୍ରିକ ପିଲ

Tantra Bhaban
24 Sagar Dutta Lane, Calcutta-12

ଘରେ ବସି ରୋଜଗାର କର

ସାବୁନ, ଅତର, ସ୍ନୋ, ପାଉଡର ଇତ୍ୟାଦି ନାନାପ୍ରକାର ... ଶିକ୍ଷା ଦିଆଯାଏ । ...
ତାଲିକା ବୁଝନ୍ତୁ ।

ଆର୍ଯ୍ୟକଳା ନିଲୟ
ପୋ: ଅ: କୁହୁଡ଼, ଜି: ପୁରୀ

WANTED

A trained graduate Headmaster for Kusalda Prop. High School, P. O. Jaypur, Mayurbhanj Pay according to ability and experience.

Apply to Secretary before 15th June, 1955.

ମେଲୋନ

Tantra Bhaban
24 Sagar Dutt Lane. Calcutta-12

ସରଳ
ସାଧାରଣ ଜ୍ଞାନ

୧ମ ୫୦ ।୵ — ୨ୟ ୫୦ ୳
୩ୟ ୫୦ ୳ — ୪ର୍ଥ ୫ ୧୵

Digitized by srujanika@gmail.com